

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୧ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 11 MAY 2023

Vol.No. 34 ■ No. 123 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସରିଲା କର୍ଣ୍ଣାଟକ ନିର୍ବାଚନ

ଏକଜିଟ୍ ପୋଲ: କର୍ଣ୍ଣାଟକରେ କାହାକୁ ମିଳିବନି ସଂଖ୍ୟା ଗରିଷ୍ଠତା

୮ଟି ଏକଜିଟ୍ ପୋଲ ଅନୁସାରେ କଂଗ୍ରେସ ୬ଟିରେ ଆଗୁଆ ଓ ବିଜେପି ୨ରେ ଆଗୁଆ

ନୂଆଦିଲ୍ଲୀ,୧୦/୦୫ : ସାଧାରଣ ନିର୍ବାଚନ ପୂର୍ବରୁ କାହାର ହେବ କର୍ଣ୍ଣାଟକ ଆଜି ରାଜ୍ୟର ୨୨୪ ଆସନ ପାଇଁ ଭୋଟ ଗ୍ରହଣ ହେବା ପରେ ନେତାମାନଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଯାଇଛି। ଆସନ୍ତା ୧୩ ତାରିଖରେ ଇଭିଏମ ଖୋଲିବା ସହ ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ ପାଇବ। ତେବେ ଏହାପୂର୍ବରୁ ବିଭିନ୍ନ ଗଣମାଧ୍ୟମ ଓ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ ରେଜଲ୍ଟ ସାମ୍ନାକୁ ଆସିଛି। ଏକଜିଟ୍ ପୋଲକୁ ବିଶ୍ୱାସକୁ ନେଲେ କର୍ଣ୍ଣାଟକାରେ କୌଣସି ରାଜନୀତିକ ଦଳକୁ ମିଳିବନି ସଂଖ୍ୟା ଗରିଷ୍ଠତା। ଅଧିକାଂଶ ସଂସ୍ଥା ବା ଗଣମାଧ୍ୟମ ଝୁଲା ବିଧାନସଭାର ଆକଳନ କରିଛନ୍ତି। ତେବେ ୮ଟି ଗଣମାଧ୍ୟମ ବା ସଂସ୍ଥା କରିଥିବା ଏକଜିଟ୍ ପୋଲ ରିପୋର୍ଟ ଅନୁସାରେ କଂଗ୍ରେସ ୬-୨ରେ ବିଜେପି ଠାରୁ ଆଗରେ ରହିଛି। ଏହାର ଅର୍ଥ ୫ଟି ସଂସ୍ଥା କଂଗ୍ରେସ କର୍ଣ୍ଣାଟକାରେ ବିଜେପି ଠାରୁ ଅଧିକ ଆସନ ଜିତିବ ବୋଲି ଆକଳନ କରିଛନ୍ତି। ଏପରି ସ୍ଥିତିରେ ଜେଡିଏସ୍ କିଙ୍ଗ ମେକର ସାଜିବାର ଯଥେଷ୍ଟ ସମ୍ଭାବନା ରହିଛି। ୨୦୧୭ରେ ମଧ୍ୟ କଂଗ୍ରେସ ଓ ଜେଡିଏସ୍ ମିଳିତ ଭାବେ ସରକାର ଗଠନ କରିଥିଲେ। କିନ୍ତୁ ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ମେଣ୍ଟ ସରକାର ଭୁଶୁଡ଼ି ପଡ଼ିଥିଲା। ଏବେ ଜେଡିଏସ ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ଅଧିକାଂଶ ଗଣମାଧ୍ୟମକ ଝୁଲା ବିଧାନସଭାର ଆକଳନ କରିଥିଲେ ମଧ୍ୟ କ୍ଷମତାସୀନ ବିଜେପି ଠାରୁ କଂଗ୍ରେସ ଅଧିକ ଆସନ ପାଇବ ବୋଲି ପୂର୍ବାନୁମାନ କରିଛନ୍ତି। ଯଦି ଏକଜିଟ ପୋଲ ଅନୁଯାୟୀ, ଝୁଲା ବିଧାନସଭାର ପରିସ୍ଥିତି ସୃଷ୍ଟି ହୁଏ, ତା'ହେଲେ ସ୍ୱାଧୀନ ଓ ଅନ୍ୟାନ୍ୟ ଦଳ କିଙ୍ଗ ମେକର ସାଜିବେ। ତେଣୁ ଏହାର ଫାଇଦା ଉଠାଇବା ପାଇଁ ଆଜି ଉଭୟ କଂଗ୍ରେସ ଓ ବିଜେପି ଉଦ୍ୟମ କରିବେ। କର୍ଣ୍ଣାଟକାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୧୧୩। ▶▶ପୃଷ୍ଠା ୭

୧୪ରେ କ୍ୟାଉକିପିୟୁ ଉପକୂଳ ଛୁଇଁବ ବାତ୍ୟା



ଭୁବନେଶ୍ୱର, ୧୦/୦୫ (ନି.ପ୍ର): ବଙ୍ଗୋପସାଗରରେ ସକ୍ରିୟ ଅବପାତ ଆଜି ସନ୍ଧ୍ୟାରେ ବାତ୍ୟା ରୂପ ନେଇପାରେ। କ୍ରମଶଃ ଏହା ଘନୀଭୂତ ହୋଇ ୧୧ ତାରିଖ ସକାଳ ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ଏହାପରେ ଏହା ୧୧ ତାରିଖ ମଧ୍ୟରାତ୍ର ସୁଦ୍ଧା ଅତି ଭୀଷଣ ବାତ୍ୟା ରୂପ ନେଇପାରେ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅତି ଭୀଷଣ ବାତ୍ୟାରେ ପରିଣତ ପରେ ରିକର୍ଭ କରି ଗତି କରିପାରେ। ଏହାପରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ବାଂଲାଦେଶ, ମିଆଁମାର ମୁହାଁ ହେବ। ୧୪ ପୂର୍ବାହ୍ନରେ କୋକ୍ସ ବଜାର, କ୍ୟାଉକିପିୟୁ ଠାରେ ଉପକୂଳ ଛୁଇଁବାର ସମ୍ଭାବନା ରହିଛି । ଓଡ଼ିଶା ଉପରେ ପ୍ରଭାବ ପଡ଼ିବ ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବରୁ ସ୍ପଷ୍ଟ କରିଛି। ଏବେ ଅବପାତ ପୋର୍ଟ ବ୍ଲେୟାର ଠାରୁ ୫୧୦ କି.ମି. ଦୂର ପଶ୍ଚିମ-ଦକ୍ଷିଣ ପଶ୍ଚିମରେ କେନ୍ଦ୍ରୀଭୂତ ରହିଛି। ୧୨ ଓ ୧୩ ତାରିଖରେ ବାତ୍ୟା ପ୍ରଭାବରେ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ୧୩୦ରୁ ୧୪୦ କିଲୋମିଟର ବେଗରେ ପବନ ବହିପାରେ। ଏହି ସମୟରେ ୧୦ରୁ ୧୨ଫୁଟ୍? ଉଚ୍ଚତାରେ ଜୁଆର ଉଠିବ। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ଦକ୍ଷିଣ ପୂର୍ବ, କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଭିତରକୁ ଯିବାକୁ ବାରଣ କରାଯାଇଛି। କାଲି ପରି ଆଜି ବି ମଧ୍ୟ ରାଜଧାନୀ ଭୁବନେଶ୍ୱରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆଜି ଦିନ ୮ଟା ୩୦ ସୁଦ୍ଧା ଭୁବନେଶ୍ୱର ତାପମାତ୍ରା ୩୨ଡିଗ୍ରୀ ଛୁଇଁଛି। ଏହାସହ ଆଦ୍ରତା ୭୯ ପ୍ରତିଶତ ରହିଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ସେହିପରି ଝାରସୁଗୁଡ଼ାରେ ସକାଳ ୮ଟା ୩୦ ସୁଦ୍ଧା ତାପମାତ୍ରା ୩୪.୨ ଡିଗ୍ରୀ ରେକର୍ଡ କରାଯାଇଛି। ଦିନ ୧୧ରୁ ୨ଟା ୩୦ ମଧ୍ୟରେ ତାପମାତ୍ରା ୩୯ରୁ ୪୩ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

୪୨ ଡିଗ୍ରୀ ଉପରେ ୭ ସହର

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ରାଜ୍ୟରେ ତାତିର ପ୍ରକୋପ କମିବାର ନାଁ ନେଉନାହିଁ। ବୁଧବାର ୧୫ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ଯାହା ମଧ୍ୟ ୭ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି। ୪୨.୯ ଡିଗ୍ରୀ ସହ ଝାରସୁଗୁଡା ସହର ସର୍ବାଧିକ ଉତପ୍ତ ସହର ପାଲଟିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

▶▶ପୃଷ୍ଠା ୭

ନ୍ୟାୟ ଅପେକ୍ଷାରେ ଚିଟଫଣ୍ଡ କ୍ଷତିଗ୍ରସ୍ତ: ଦୁର୍ନୀତିର ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ପୂରିଲା ୯ ବର୍ଷ

ନୂଆଦିଲ୍ଲୀ, ୧୦/୦୫ : ଚିଟଫଣ୍ଡ ଦୁର୍ନୀତିରେ ସିବିଆଇ ତଦନ୍ତ ସଂପର୍କିତ ସୁପ୍ରିମକୋର୍ଟଙ୍କ ରାୟକୁ ଆଜି ନଅ ବର୍ଷ ପୂରିଛି। ୨୦୧୪ ମେ ୯ରେ ସୁପ୍ରିମକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ ଟି.ଏସ୍ ଠାକୁରଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଓଡ଼ିଶା, ପଶ୍ଚିମବଙ୍ଗ, ତ୍ରିପୁରା ଓ ଆସାମରେ ଶାରଦା ସମେତ ଅନେକ ଅର୍ଥ ଲଗାଣକାରୀ ସଂସ୍ଥା ୧୦ ହଜାର କୋଟି ଟଙ୍କା ଠକେଇ କରିଛନ୍ତି ବୋଲି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇବା ସହ ତଦନ୍ତଭାର ରାଜ୍ୟ କର୍ତ୍ତୃପକ୍ଷଙ୍କ ଠାରୁ ଆଣି ସିବିଆଇକୁ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ସିବିଆଇ ତଦନ୍ତ ନିର୍ଦ୍ଦେଶ ପରେ କ୍ଷତିଗ୍ରସ୍ତ ଜମାକାରୀମାନେ ଟଙ୍କା ଫେରସ୍ତ ପାଇବେ ବୋଲି ଆଶା ସଂଚାର ହୋଇଥିଲା। ତେବେ ଏହି ତଦନ୍ତ ଏବେ ବି ଗଡ଼ିଚାଲିଛି। ଜମାକାରୀ ଅର୍ଥ ଫେରସ୍ତ ଓ ନ୍ୟାୟ ଅପେକ୍ଷାରେ ରହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ଦ୍ୱାରା ଓଡ଼ିଶାରେ ଜମାକାରୀଙ୍କ ଅର୍ଥ ହଡ଼ପ କରିଥିବା ଅର୍ଥତତ୍ତ୍ୱ, ସିସୋର ଓ ଶାରଦା ସହ ୪୪ ଟି କଂପାନି ବିରୋଧରେ ସିବିଆଇ ତଦନ୍ତ ପଥ ପରିଷ୍କାର ହୋଇଥିଲା। ତେବେ ତଦନ୍ତରେ ଶିଥିଳତା ଅଭିଯୋଗ କରି ଜମାକାରୀଙ୍କ ଟଙ୍କା ଫେରସ୍ତ ନି ?ମନ୍ତେ ସାମାଜିକ କର୍ମୀ ପିନାକ ପାଣି ମହାନ୍ତିଙ୍କ ଦ୍ୱାରା ୨୦୨୨ ସେପ୍ଟେମ୍ବରରେ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟସନ ଦାଖଲ କରାଯାଇଥିଲା। ଅକ୍ଟୋବର ୧୦, ୨୦୨୨ରେ ବିଚାରପତି ଜଷ୍ଟିସ ଏମ.ଆର ଶାହା ଓ ବିଚାରପତି ଜଷ୍ଟିସ ସିଟି ରବିକୁମାରଙ୍କ ଖଣ୍ଡପୀଠ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରି ରାଜ୍ୟ ସରକାର ଓ ସିବିଆଇକୁ ନୋଟିସ ଜାରି କରି ଜବାବ ମାଗିବା ପରେ ଏହି ମାମଲା ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଥିଲା। କୋର୍ଟ ଏହି ମାମଲାରେ ଆଇନଜୀବୀ ଗୌରବ ଅଗ୍ରୱାଲଙ୍କୁ ଆମିକସ କ୍ୟୁରି ନିଯୁକ୍ତି କରିଥିଲେ।

▶▶ପୃଷ୍ଠା ୭

ଅନିର୍ଦ୍ଦିଷ୍ଟ କାଳ ପାଇଁ ପୂରା ପାକିସ୍ତାନରେ ବନ୍ଦ ହେଲା ଇଣ୍ଟରନେଟ ସେବା

ନୂଆଦିଲ୍ଲୀ,୧୦/୦୫ : ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଗିରଫ ହେବା ପରେ ପୂରା ପାକିସ୍ତାନ ଜଳିବାରେ ଲାଗିଛି। ଇମ୍ରାନ ସମର୍ଥକମାନେ ବ୍ୟାପକ ପୋଡ଼ଜଳା କରିବାରେ ଲାଗିଛନ୍ତି। ଏହି ଘଟଣାରେ ୧୦୦୦ରୁ ଅଧିକ ପିଟିଆଇ କର୍ମୀଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଉତ୍ତେଜନା ଥମିବାର ନାଁ ଧରୁନି। ବିଭିନ୍ନ ସ୍ଥାନରେ ମଧ୍ୟ ୧୪୪ ଧାରା ଲାଗୁ କରାଯାଇଛି। ସ୍ଥିତି ଦିନକୁ ଦିନ ବିଗୁଡୁଥିବାରୁ ପାକିସ୍ତାନ ସରକାର ପୂରା ଦେଶରେ ଇଣ୍ଟରନେଟ ସେବାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରି ଦେଇଛନ୍ତି। ଦେଶର ଟେଲି କମ୍ୟୁନିକେସନ ଅଥୋରିଟି ଏହାକୁ ନିଶ୍ଚିତ କରିବା ସହ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ମୋବାଇ ବ୍ରଡବ୍ୟାଣ୍ଡ ସେବାକୁ ବନ୍ଦ କରାଯାଇଥିବା କହିଛି। ଅଲ କାଦିର ଟ୍ରଷ୍ଟ ମାମଲାରେ ଇମ୍ରାନ ଖାନ ଗିରଫ ହେବା ପରେ ତାଙ୍କ ଦଳ ପିଟିଆଇ ପକ୍ଷରୁ ବିକ୍ଷୋଭ ଆରମ୍ଭ କରାଯାଇଥିଲା। ଏଥିପାଇଁ ଗତକାଲି ଠାରୁ ଇଣ୍ଟରନେଟ ସେବାକୁ ବନ୍ଦ ରଖାଯାଇଥିଲା। ଏବେ ଏହି ବନ୍ଦ ଅବଧି ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ବଳବତ୍ତର ରହିବ। ଗତକାଲି ଠାରୁ ଅଧିକାଂଶ ଲୋକ ଟ୍ୱିଟର, ଫେସବୁକ ଓ ଇନଷ୍ଟାଗ୍ରାମ ଭଳି ସୋଶାଲ ମିଡିଆ ଆକାଉଣ୍ଟକୁ ଚଳାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଓଡିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ବନ୍ଦେ ଭାରତ ଏକ୍ସପ୍ରେସର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦାନ କରିପାରନ୍ତି ପ୍ରଧାନମନ୍ତ୍ରୀ । ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦାନ କରି ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମରେ ସେ ଯୋଗ ଦେଇ ପାରନ୍ତି । ବିଜେପିର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ସୂଚନା ଦେଇଛନ୍ତି ।

ଦି କେରଳ ଷ୍ଟୋରୀର ପୂରା ଟିମ ଭେଟିଲେ ଯୋଗୀ ଆଦିତ୍ୟନାଥଙ୍କୁ

ନୂଆଦିଲ୍ଲୀ,୧୦/୦୫ : ଦି କେରଳ ଷ୍ଟୋରୀ ଫିଲ୍ମର ସମ୍ପୂର୍ଣ୍ଣ ଟିମ ଉତର ପ୍ରଦେଶର ଲକ୍ଷ୍ନୌ ଯାଇ ସେଠାରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କୁ ସାକ୍ଷାତ କରିଛି । ଏହା ଏକ ସୌଜନ୍ୟତା ମୂଳକ ସାକ୍ଷାତ ଥିଲା ବୋଲି କୁହାଯାଉଛି । ମୁଖ୍ୟମନ୍ତ୍ରୀ ଯୋଗୀ ତାଙ୍କର ଟ୍ୱିଟର ହ୍ୟାଣ୍ଡେଲରେ ଏ ସମ୍ପର୍କିତ ଫଟୋ ଶେୟାର କରିଛନ୍ତି । ଯୋଗୀ ଆଦିତ୍ୟନାଥ ଏହି ଫଟୋକୁ ଶେୟାର କରି ଲେଖିଛନ୍ତି ଯେ ଆଜି ଲକ୍ଷ୍ନୌ ସ୍ଥିତ ସରକାରୀ ଘରେ ଦି କେରଳ ଷ୍ଟୋରୀ ଫିଲ୍ମର ଟିମ ସହ ସୌଜନ୍ୟତା ମୂଳକ ସାକ୍ଷାତ ହେଲା । ଏହି ଫଟୋରେ ଯୋଗୀ ଆଦିତ୍ୟନାଥ ତାଙ୍କର ଚିର ପରିଚିତ ଶୈଳୀରେ ଦେଖା ଯାଉଛନ୍ତି ।

ରାଜସ୍ଥାନରେ ୫,୫୦୦ କୋଟି ଟଙ୍କାର ପ୍ରକଳ୍ପ ଲଞ୍ଚ କଲେ ମୋଦି

ନୂଆଦିଲ୍ଲୀ,୧୦/୦୫ : ଆଉ କିଛି ମାସ ପରେ ଭୋଟ ଦେବ ରାଜସ୍ଥାନ। ଏହାପୂର୍ବରୁ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ରାଜସ୍ଥାନରେ ରୋଡ ଶୋ' କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ରାଜସ୍ଥାନର ନାଥଦ୍ୱାରାରେ ରୋଡ ଶୋ' କରିବା ସହ ୫,୫୦୦ କୋଟି ଟଙ୍କାର ମେଗା ପ୍ରକଳ୍ପ ଲଞ୍ଚ କରିଛନ୍ତି। ଏହାକୁ ଲଞ୍ଚ କରିବା ପରେ ସେ ରାଜସ୍ଥାନବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମେଗା ପ୍ରକଳ୍ପ ଲଞ୍ଚ କରିଥିବାରୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ ମଧ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଆଜି ମୁଁ ୫,୫୦୦ କୋଟି ଟଙ୍କାର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିଭୂମିର ଶିଳାନ୍ୟାଶ କରିଛି। ଏହି ସବୁ ବିକାଶମୂଳକ ପ୍ରକଳ୍ପ ପାଇଁ ରାଜସ୍ଥାନବାସୀଙ୍କୁ ଶୁଭେଚ୍ଛା ଜଣାଉଛି। ଆମ ସରକାର ରାଜସ୍ଥାନକୁ ଅତ୍ୟାଧୁନିକ ଭିତ୍ତିଭୂମି ଯୋଗାଇ ଦେବାକୁ ଫୋକସ କରୁଛି।" ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଗେହଲଟ କହିଛନ୍ତି ଯେ ରାଜ୍ୟ ଆଗକୁ ବଢ଼ିବାରେ ଲାଗିଛି। ସେ କହିଛନ୍ତି, "ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରୁଛି। ପ୍ରଧାନମନ୍ତ୍ରୀ ଆଜି ଜାତୀୟ ରାଜପଥ ଓ ରେଳବାଇ ପ୍ରକଳ୍ପ ଆରମ୍ଭ କରିଥିବାରୁ ମୁଁ ବହୁତ ଖୁସି। ଭଲ କାମ ରାଜସ୍ଥାନରେ ହେଉଛି। ରାଜସ୍ଥାନରେ ଭଲ ରାସ୍ତା ରହିଛି। ପୂର୍ବରୁ ଆମେ ଗୁଜରାଟ ସହ ପ୍ରତିଯୋଗିତା କରୁଥିଲେ ଓ ଭାବୁଥିଲେ ଯେ ଆମେ ପଛରେ ରହିଛୁ। କିନ୍ତୁ ଏବେ ଆମେ ଆଗକୁ ବଢ଼ିପାରିଛୁ।" ▶▶ପୃଷ୍ଠା ୭

ଝାରସୁଗୁଡ଼ା ଉପନିର୍ବାଚନ: ମତଦାନ ହାର ୭୫.୬୦%

ଝାରସୁଗୁଡ଼ା, ୧୦/୦୫ (ନି.ପ୍ର): ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆଜି ମତଦାନ ଶେଷ ହୋଇଛି । ସନ୍ଧ୍ୟା ୭ଟା ସୁଦ୍ଧା ମତଦାନ ହାର ୭୫.୬୦% ରହିଛି । ମୋଟ ୨୫୩ଟି ବୁଥ୍ ମଧ୍ୟରୁ ୫ଟି ବୁଥରେ ମତଦାନ ସନ୍ଧ୍ୟା ୭ଟା ପରେ ମଧ୍ୟ ଜାରି ରହିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଝାରସୁଗୁଡ଼ା ଉପନିର୍ବାଚନରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଥିବା ଜଣାପଡ଼ିଛି । ପୁରୁଷ ଭୋଟରଙ୍କ ତୁଳନାରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଛନ୍ତି । ମୋଟ୍ ୯ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି । ୨୦୧୯ ସାଧାରଣ ନିର୍ବାଚନରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନରେ ମୋଟ ମତଦାନ ହାର ୭୮.୯୨% ରହିଥିଲା । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ମତଦାନ ଆଜି ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା । ତେବେ କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଯୋଗୁ ମତଦାନ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଜାରି ରହିଥିଲା । ସନ୍ଧ୍ୟା ୭ଟା ସୁଦ୍ଧା ମତଦାନ ହାର ୭୫.୬୦% ଥିବାବେଳେ ଆଉ ୫ଟି ବୁଥରେ ମତଦାନ ଜାରି ରହିଥିବା ଜଣାପଡ଼ିଛି । ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୬୮.୧୨%, ୩ଟା ସୁଦ୍ଧା ୫୫.୨୦% ରହିଥିଲା ।

▶▶ପୃଷ୍ଠା ୭

ଦୁଇ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଓ କିରାଣୀଙ୍କୁ ୨ ବର୍ଷ ଜେଲ୍

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ସରକାରୀ ଅର୍ଥ ହଡ଼ପ କରିବା ଓ ଲାଞ୍ଚ ନେଇ ଧରାପଡ଼ିବା ମାମଲାରେ ଆଜି ଦୁଇ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଓ ଜଣେ କିରାଣୀଙ୍କୁ ୨ ବର୍ଷ ଜେଲ୍? ଦଣ୍ଡାଦେଶ ହୋଇଛି। ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ କାମ କରୁଥିବା ୨ ଯନ୍ତ୍ରୀଙ୍କୁ ୩ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ବିନା କାମରେ ବିଧାୟକ ପାଣ୍ଠିରୁ ଟଙ୍କା ହଡ଼ପ ମାମଲାରେ ଆଜି ଏହି ଦଣ୍ଡାଦେଶ ଦେଇଛନ୍ତି କେନ୍ଦୁଝର ଭିଜିଲାନ୍ସ କୋର୍ଟ। ଏହି ଦୁଇ ଯନ୍ତ୍ରୀ ହେଲେ ଶଙ୍କର୍ଷଣ ବେହେରା ଓ ଅଶୋକ କର। ୨୦୦୪-୦୫ରେ ଏହି ଟଙ୍କା ହଡ଼ପ ମାମଲା ହୋଇଥିଲା। ଆନନ୍ଦପୁରରେ ସହକାରୀ ଯନ୍ତ୍ରୀ ଥିବା ବେଳେ ଟଙ୍କା ହଡ଼ପ କରିଥିବା ସଙ୍କର୍ଷଣ ଏବେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଆଖୁପଡ଼ା ଜଳସେଚନ ସବ୍?ଡିଭିଜନ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଭାବେ କାମ କରୁଛନ୍ତି। ଯେତେବେଳେ କି କେନ୍ଦୁଝର ବାଂଶପାଳ ବ୍ଲକରେ ଯନ୍ତ୍ରୀ ଥିବା ଅଶୋକ ଏବେ କାର୍ଯ୍ୟରୁ ଅବସର ନେଇସାରିଛନ୍ତି। ଭିଜିଲାନ୍ସ ପକ୍ଷରୁ ପ୍ରଦାନ କରାଯାଇଥିବା ସାର୍ଜସିଟ୍ ଉପରେ ବିଚାର କରି ସ୍ୱତନ୍ତ୍ର କୋର୍ଟ ଏହି ରାୟ ଦେଇଛନ୍ତି। ୨୦୦୪-୦୫ରେ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ସାଲାବନି ହାଇସ୍କୁଲ ଘର ନିର୍ମାଣ କାମରେ ସେମାନେ ଟଙ୍କା ହଡ଼ପ କରିଥିବା ପ୍ରମାଣିତ ହୋଇଛି। ନକଲି ରିପୋର୍ଟ ଉପସ୍ଥାପନ କରି ସେମାନେ ଏହି ସ୍କୁଲ କାମ ସରିଯାଇଥିବା ଦର୍ଶାଇଥିଲେ।

▶▶ପୃଷ୍ଠା ୭

ଘୁଞ୍ଚିଘୁଞ୍ଚି ଯାଉଛି ଫୁଟ୍ ଓଭରବ୍ରିଜ୍ ନିର୍ମାଣ : ଗୋଟିକର ବି କାମ ଆରମ୍ଭ ହେଉନି

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥରେ ରାଜଧାନୀ ଭିତରେ ବ୍ଲାକ୍‌ସ୍ପଟ୍ ଭାବେ ଜଣାଶୁଣା ୪ଟି ସ୍ଥାନରେ ଫୁଟ୍‌ଓଭର ବ୍ରିଜ୍ ନିର୍ମାଣ ହେବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଘୋଷଣା କରାଯାଇଛି । ଏଥିପାଇଁ କିଛି ସ୍ଥାନରେ ଶିଳାନ୍ୟାସ ବି ହୋଇଛି । ମାତ୍ର ରାଜଧାନୀବାସୀଙ୍କ ତିନି ବର୍ଷର ପ୍ରତୀକ୍ଷାର ଅନ୍ତ ଘଟୁନାହିଁ । ୪ଟିଯାକ ଫୁଟ୍‌ଓଭର ବ୍ରିଜ୍‌ରୁ ଗୋଟିକର ବି ନିର୍ମାଣ କାମ ଆରମ୍ଭ ହେଉନାହିଁ । ତେଣୁ ଘୋଷଣା କେବଳ ଧୂଆଁବାଣ ବୋଲି ଚର୍ଚ୍ଚା ହେଉଛି ।

ରାଜଧାନୀର ବ୍ୟସ୍ତବହୁଳ ଛକ ପଳାସୁଣି, ସତ୍‌ସଙ୍ଗବିହାର ଓ ନୂଆପଲ୍ଲୀ କ୍ରାଉନ୍ ହୋଟେଲ୍ ଏବଂ ପାତ୍ରପଡ଼ା ସ୍ମୃତିବନ ନିକଟରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ହେବ ବୋଲି ଘୋଷଣା ହୋଇଛି । ପ୍ରାୟ ୩ବର୍ଷ ତଳୁ ପଳାସୁଣି, ସତ୍‌ସଙ୍ଗବିହାର ଛକ ଓ ନୂଆପଲ୍ଲୀରେ ଏହି ବ୍ରିଜ୍ ହେବ ବୋଲି ପ୍ରସ୍ତାବ ରହିଥିବା ବେଳେ ୬ମାସ ପୂର୍ବେ ପାତ୍ରପଡ଼ା ସ୍ମୃତିବନ ନିକଟରେ ଫୁଟ୍ ଓଭରବ୍ରିଜ୍ ହେବ ବୋଲି ଘୋଷଣା କରାଯାଇଛି । କିନ୍ତୁ କେବେ କାମ ଆରମ୍ଭ ହେବ, କେବେ ସରିବ, ଏନେଇ ଏନ୍‌ଏଚ୍‌ଏଆଇ ଅଧିକାରୀ ମୁହଁ ଖୋଲୁନାହାନ୍ତି । ଏଣେ ଏସବୁ ବ୍ଲାକ୍ ?ସ୍ପଟ୍ ?ରେ ପୂର୍ବଭଳି ଦୁର୍ଘଟଣା ଘଟି ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡୁଛି ।

ସତ୍‌ସଙ୍ଗବିହାର: ଏଠାରେ ୬୦ ମିଟର ଲମ୍ବ, ୧୦ଫୁଟ୍ ଓସାରର ଫୁଟ୍ ଓଭରବ୍ରିଜ୍ ହେବ ବୋଲି ୨୦୨୧ ମସିହାରେ ଘୋଷଣା କରାଯାଇଥିଲା । ତିନିରୁ ଚାରି ମାସ ମଧ୍ୟରେ କାମ ଆରମ୍ଭ ହେବ ବୋଲି ସେତେବେଳେ କୁହାଯାଇଥିଲା । କିନ୍ତୁ ଘୋଷଣା ସେମିତି କାଗଜପତ୍ରରେ ରହିଯାଇଛି । ଫୁଟ୍ ଓଭରବ୍ରିଜ୍ ନଥିବା କାରଣରୁ ଭିଏସ୍‌ଏସ୍‌ନଗର ପାର୍ଶ୍ୱରୁ ସହିଦନଗର ପାର୍ଶ୍ୱକୁ ଆସୁଥିବା ଲୋକମାନେ ବିପଦସଙ୍କୁଳ ଭାବେ ଡିଭାଇଡର ଡେଇଁ ବିପଜ୍ଜନକ ଭାବେ ଜାତୀୟ ରାଜପଥ ଅତିକ୍ରମ କରୁଛନ୍ତି । ଅଧିକାଂଶ ନାଇଟ୍-କୋଚ୍ ବସ୍ ବରମୁଣ୍ଡାରୁ ଫ୍ଲାଏଓଭର ଉପରେ ଆସି ସତ୍‌ସଙ୍ଗ ନିକଟରେ ଯାତ୍ରୀ ଉଠାଉଛନ୍ତି । ତେଣୁ ଏଠାରେ ସଂଧ୍ୟା ପରେ ଅସମ୍ଭାଳ ଭିଡ଼ ହେଉଛି । ଏହାସହ ଭିଏସ୍‌ଏସ୍‌ନଗର ବାସିନ୍ଦା ଏବଂ ଏହି ପାର୍ଶ୍ୱରେ ଥିବା ଆୟକର ଭବନ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କର ଯାତାୟାତରେ ସମସ୍ୟା ହେଉଛି । ଏଠାରେ ବାଣୀବିହାର ଫ୍ଲାଏଓଭର ବ୍ରିଜ୍ ଶେଷ ହୋଇଥିବାରୁ ବରମୁଣ୍ଡା ପାର୍ଶ୍ୱରୁ ଆସୁଥିବା ଗାଡ଼ିଗୁଡ଼ିକ ହଠାତ୍ ବ୍ରେକ୍ ମାରିଲେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି ।

ଭୟଙ୍କର ପଳାସୁଣି ଛକ: ସବୁଠୁ ଭୟଙ୍କର ହେଉଛି ପଳାସୁଣି ଛକ । ଏଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି କରି ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ପୁରୁଷ, ମହିଳା, ବୁଦ୍ଧିଜୀବୀ ଓ ବ୍ୟବସାୟୀମାନେ ଅନେକ ଥର ରାଜରାସ୍ତାକୁ ଓହ୍ଲାଇଛନ୍ତି । ଏନ୍‌ଏଚ୍‌ଏଆଇକୁ ଚିଠି ଲେଖି ଜଣାଇଛନ୍ତି । ଏଠାରେ ପଳାସୁଣି ଗ୍ରାମବାସୀଙ୍କଠାରୁ ଆରମ୍ଭ କରି ରସୁଲଗଡ଼, ମଞ୍ଚେଶ୍ୱର, ଚକେଇସିଆଣି, ଜିଜିପି କଲୋନି, ଭିଏସଏସ୍ ନଗରର ହଜାର ହଜାର ଲୋକ ଦୈନିକ ରାଜପଥ ପାର ହେଉଛନ୍ତି । ବିପଦପୂର୍ଣ୍ଣ ଭାବେ ଜାତୀୟ ରାଜପଥ ପାର ହୋଇ ଏପଟ ସେପଟକୁ ହେଉଛନ୍ତି ଓ ଦୁର୍ଘଟଣାର ଶିକାର ହେଉଛନ୍ତି । ଗତ ଦୁଇବର୍ଷ ଭିତରେ ଏଠାରେ ୭ରୁ ଅଧିକ ଲୋକଙ୍କର ଦୁର୍ଘଟଣାଜନିତ ମୃତ୍ୟୁ ହେଲାଣି । ଏହି ଛକରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଫୁଟ୍ ଓଭରବ୍ରିଜ୍ ହେବ ବୋଲି ବହୁଥର ମାପଚୁପ ହେଲାଣି । ଏହି ଓଭରବ୍ରିଜ୍‌ରେ ଦୁଇଟି ଲିଫ୍ଟ ରହିବ ଏବଂ ଲିଫ୍ଟ ପରିଚାଳନା ପାଇଁ ଦୁଇ ଜଣ ଅପରେଟରଙ୍କୁ ନିଯୁକ୍ତ ମିଳିବ ବୋଲି ବହୁ ବଡ଼ବଡ଼ କଥା କୁହାଯାଇଥିଲା । କିନ୍ତୁ ଏବେ ସ୍ଥାନୀୟ ଲୋକଙ୍କ କହିବା କଥା, ସେସବୁ କେବଳ ଭୁଆଁ ବୁଲାଇବା କଥା । ଦିବାସ୍ୱପ୍ନ ଦେଖାଇ ଲୋକଙ୍କୁ ଭଣ୍ଡାଇ ଦିଆଯାଇଛି ।

କ୍ରାଉନ୍ ହୋଟେଲ: ସ୍ଥାନୀୟ ବାସିନ୍ଦାଙ୍କ ଦାବିକୁ ଗ୍ରହଣ କରି କ୍ରାଉନ୍ ହୋଟେଲ ନିକଟରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପ୍ରସଙ୍ଗରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ । ନିଜେ ଘଟଣାସ୍ଥଳକୁ ଦୁଇ ଦୁଇଥର ପରିଦର୍ଶନ ବି କରିଥିଲେ । ଏହା ଦୁର୍ଘଟଣାପ୍ରବଣ ଅଞ୍ଚଳ ହେତୁ ତୁରନ୍ତ ଏଠାରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଆବଶ୍ୟକ ବୋଲି ଚିଠିରେ ଜଣାଇଥିଲେ । ପରବର୍ତ୍ତୀ ସମୟରେ ଏନ୍‌ଏଚ୍‌ଏଆଇ ଏଠାରେ ଫୁଟ୍ ଓଭରବ୍ରିଜ୍ କରିବ ବୋଲି ଘୋଷଣା କରିଥିଲା । ହେଲେ ପଳାସୁଣି ଓ ସତ୍‌ସଙ୍ଗବିହାର ଛକ ଭଳି ଏଠାରେ ମଧ୍ୟ କାମ ଆରମ୍ଭ ହୋଇନାହିଁ ।

ପାତ୍ରପଡ଼ା ସ୍ମୃତିବନ: ପାତ୍ରପଡ଼ା ସ୍ମୃତିବନ ନିକଟରେ ଫୁଟ ଓଭରବ୍ରିଜ୍ ନିର୍ମାଣ ନେଇ ଗତ ଡିସେମ୍ବରରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ୨କୋଟି ୭୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଫୁଟ୍ ଓଭରବ୍ରିଜ୍ ୬ ମାସ ଅର୍ଥାତ୍ ମେ' ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା । ସାଂସଦ ଅପରାଜିତା ଷଡ଼ଙ୍ଗୀ ଏଠାରେ ମଧ୍ୟ ଶିଳାନ୍ୟାସ କରିଥିଲେ । ତେଣୁ ଫୁଟ୍ ଓଭରବ୍ରିଜ୍‌କୁ ନେଇ ପାତ୍ରପଡ଼ା ସମେତ କଳିଙ୍ଗନଗର, ଭଗବାନପୁର ଓ ଉଦୟଗିରି ବିହାରବାସୀ ଖୁସି ବ୍ୟକ୍ତ କରିଥିଲେ । ହେଲେ କାମ ଆରମ୍ଭ ହେଉ ନଥିବାରୁ ସେମାନଙ୍କ ଖୁସି ପାଣିରେ ମିଳେଇଗଲା ବୋଲି ଆଲୋଚନା ହେଉଛି ।

ଜୋର ଧରିଲା ଦାବି: କ୍ୟାପିଟାଲ ହସ୍ପିଟାଲ ଭଳି ଆଉ ଦୁଇଟି ହେଉ

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ପ୍ରାୟ ୪୦ ହଜାର ଲୋକଙ୍କୁ ସେବା ଯୋଗାଇଦେବା ପାଇଁ ୧୯୫୪ ମସିହାରେ ଭୁବନେଶ୍ୱରରେ ଗଢ଼ି ଉଠିଥିଲା କ୍ୟାପିଟାଲ ହସ୍ପିଟାଲ । ଏବେ ଭୁବନେଶ୍ୱରରେ ୧୪ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବା ବେଳେ ଖୋର୍ଧା, ନୟାଗଡ଼, ପୁରୀ ଏବଂ ସଂଲଗ୍ନ ଅଞ୍ଚଳର ଲୋକେ ଏହି ଗୋଟିଏ ହସ୍ପିଟାଲ ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ । ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହସ୍ପିଟାଲର କଳେବର ବଢ଼ିଥିଲେ ହେଁ ତାହା ଯଥେଷ୍ଟ ନୁହେଁ । ଦିନକୁଦିନ ହସ୍ପିଟାଲ ଉପରେ ଚାପ ବଢୁଥିବା ବେଳେ ହସ୍ପିଟାଲର ଭିତ୍ତିଭୂମି ଏହାକୁ ସମ୍ଭାଳି ପାରୁନି । ଫଳରେ ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ କ୍ୟାପିଟାଲ ହସ୍ପିଟାଲ ଭଳି ରାଜଧାନୀରେ ଆଉ ୨ଟି ହସ୍ପିଟାଲ ନିର୍ମାଣ କରାଯାଉ ବୋଲି ଦାବି କରିଛି ବରିଷ୍ଠ ନାଗରିକ ବିକାଶ ପରିଷଦ । ପରିଷଦର ଅଧ୍ୟକ୍ଷ ପ୍ରମୋଦ ଚରଣ ପଟ୍ଟନାୟକ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏହି ଦାବି କରିଛନ୍ତି । ସୂଚନାଯୋଗ୍ୟ, କ୍ୟାପିଟାଲ ହସ୍ପିଟାଲ ଉପରେ ଚାପ ପଡୁଥିବାରୁ ରାଜଧାନୀରେ ଦ୍ୱିତୀୟ ସରକାରୀ ମେଡିକାଲ ପ୍ରତିଷ୍ଠା କରିବାକୁ ଦାବି ହେଉଥିବା ନେଇ କିଛି ଦିନ ତଳେ ଗଣମାଧ୍ୟମରେ ବି ଖବର ପ୍ରକାଶ ପାଇଥିଲା । ପରିଷଦ ପକ୍ଷରୁ କୁହାଯାଇଛି, ଏବେ କ୍ୟାପିଟାଲ ହସ୍ପିଟାଲର ୨୦ଟି ବିଭାଗରେ ପ୍ରାୟ ୭୬୦ଟି ଶଯ୍ୟା ପଡ଼ିଛି । ପ୍ରତିଦିନ ହସ୍ପିଟାଲକୁ ୪ ହଜାର ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ୪୫୦ରୁ ଅଧିକ ଗୁରୁତର ରୋଗୀ ଆଡମିସନ୍ ହେଉଛନ୍ତି । ପ୍ରତିଦିନ ହଜାର ହଜାର ରୋଗୀ ଆସୁଥିବାରୁ ହସ୍ପିଟାଲ ଉପରେ ଚାପ ପଡୁଛି । ତେଣୁ ଅନିଚ୍ଛା ସତ୍ତ୍ୱେ କର୍ତ୍ତୃପକ୍ଷ ଗୁଣାତ୍ମକ ସେବା ଯୋଗାଇବାରେ ବିଫଳ ହେଉଛନ୍ତି । ସେହିପରି ହସ୍ପିଟାଲ କ୍ୟାମ୍ପସ୍ ଭିତରେ ମେଡିକାଲ୍ କଲେଜ ନିର୍ମାଣ କରାଯାଉଥିବାରୁ ଜାଗା ସଂକୁଚିତ ହୋଇଯାଉଛି । ଫଳରେ ଡାକ୍ତର, ପାରା-ମେଡିକାଲ୍ ଷ୍ଟାଫ୍, ରୋଗୀ ଏବଂ ପାର୍କିଂ ପାଇଁ ବଡ଼ ସମସ୍ୟା ସୃଷ୍ଟି ହେଉଛି । ଭୁବନେଶ୍ୱରରେ ଏବେ ତିନୋଟି ଘରୋଇ ମେଡିକାଲ କଲେଜ, ଦୁଇଟି ସରକାରୀ ମେଡିକାଲ କଲେଜ୍ ଏବଂ ଏକାଧିକ ମଲଟି ସ୍ପେସିଆଲିଟି ହସ୍ପିଟାଲ ଗଢ଼ା ହୋଇଛି । କିନ୍ତୁ ଜଣେ ଗରିବ, ମଧ୍ୟବିତ୍ତ ଓ ଉଚ୍ଚ-ମଧ୍ୟବିତ୍ତ ପରିବାର ଏଠାରେ ସେବା ପାଇବା ସମ୍ଭବ ନୁହେଁ । ଏହି ସବୁ ସ୍ୱାସ୍ଥ୍ୟାନୁଷ୍ଠାନରେ ପରୀକ୍ଷା, ସର୍ଜରିକୁ ବାଦ୍ ଦେଇ କେବଳ ଓପିଡିରେ ଡାକ୍ତରଙ୍କ ପରାମର୍ଶ ପାଇଁ ୫ଶହ ଟଙ୍କାରୁ ଅଧିକ ଫି' ନିଆଯାଉଛି । ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇବା ଏକ ଜନମଙ୍ଗଳକାରୀ ରାଜ୍ୟର ପ୍ରାଥମିକତା ହେବା ଉଚିତ । କିନ୍ତୁ ଅଳ୍ପ କିଛି ଘରୋଇ ହସ୍ପିଟାଲ ପ୍ରତିଷ୍ଠା ଦ୍ୱାରା ଏ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଏହାଦ୍ୱାରା କେବଳ ଉଚ୍ଚବର୍ଗର ଲୋକମାନେ ଉପକୃତ ହେବେ । ଅପରପକ୍ଷେ, ରାଜଧାନୀରେ ଏମ୍‌ସ ଭଳି ଜାତୀୟସ୍ତରର ହସ୍ପିଟାଲ ଥିଲେ ହେଁ ଏଠାକୁ ପୂର୍ବ ଭାରତର ବିଭିନ୍ନ ରାଜ୍ୟରୁ ରୋଗୀ ଆସୁଥିବାରୁ ପ୍ରବଳ ଭିଡ଼ ହେଉଛି । ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ବି ଏଠାକୁ ଡାକ୍ତର ପରାମର୍ଶ କରିବାକୁ ହେଲେ ଜଣଙ୍କୁ ଦିନଟିଏ ନିକିମା ହେବାକୁ ପଡୁଛି । ତେଣୁ ଏହି ପ୍ରସଙ୍ଗକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଉତ୍ତର ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଏବଂ ଦକ୍ଷିଣ ଭୁବନେଶ୍ୱରର କଳିଙ୍ଗ ନଗରରେ କ୍ୟାପିଟାଲ୍ ହସ୍ପିଟାଲ ଭଳି ଦୁଇଟି ହସ୍ପିଟାଲ ନିର୍ମାଣ କରାଯାଉ ବୋଲି ପରିଷଦ ଦାବି କରିଛି । ପରିଷଦ ପକ୍ଷରୁ ଏ ସଂପର୍କିତ ଏକ ଚିଠି ବିଧାୟକ ଶ୍ରୀ ରାଉତଙ୍କୁ ଦିଆଯାଇଥିବା ବେଳେ ଏହାର ନକଲ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ଜେନା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଲିନୀ ପଣ୍ଡିତ, ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ଏବଂ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି ।

ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୦/୦୫ (ନି.ପ୍ର): ଫେରାର ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ନୁଆ ସାହି ୫ମ ଲାଇନର ମୁନା ନାୟାର । ପୋଲିସ ସୂଚନା ଅନୁଯାଇ ଜୟପୁର ନୁଆ ସାହି ୫ମ ଲାଇନର ମୁନା ନାୟାର ନାମରେ ଜୟପୁର ଟାଉନ ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ଫେରାର ଥିବା ବେଳେ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ଚୋରି ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୦/୦୫ (ନି.ପ୍ର): ଚୋରି ମାମଲାରେ ଫେରାର ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସହର ଖ୍ରୀଷ୍ଟିଆନପେଟା ଡିଆଇସି ଲାଇନର ଟି ଗୁଞ୍ଜୁ (୩୦) । ପୋଲିସ ସୂଚନା ଅନୁଯାଇ ଜୟପୁର ସହର ଖ୍ରୀଷ୍ଟିଆନପେଟା ଡିଆଇସି ଲାଇନର ଟି ଗୁଞ୍ଜୁ (୩୦) ନାମରେ ଜୟପୁର ଟାଉନ ଥାନାରେ ଚୋରି ମାମଲା ରହିଥିଲା । ସେହି ଦିନ ଠାରୁ ଫେରାର ଥିବା ବେଳେ ଆଜି ସୂଚନା ପାଇ ଡିଆଇସି ଲାଇନରେ ଚଢାଉ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ଥାନାରେ ପ୍ରେମୀ ଯୁଗଳଙ୍କ ବାହାଘର

କେନ୍ଦ୍ରାପଡ଼ା, ୧୦/୦୫ (ନି.ପ୍ର): ଜିଲ୍ଲାର ନିକିରାଇ ଥାନାରେ ଏକ ପ୍ରେମୀ ଯୁଗଳଙ୍କ ବାହାଘରକୁ ନେଇ ବେଶ ଚର୍ଚ୍ଚାର ବିଷୟ ହୋଇଛି । ସୂଚନା ମୁତାବକ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପାଳକଣା ଗ୍ରାମର ସୁନିଲ କୁମାର ମଲିକ ସେହି ଗ୍ରାମର ସଙ୍ଗୀତା ସାହୁ ନାମ୍ନୀ ଜଣେ ଝିଅଙ୍କ ସହ ତାଙ୍କର ଦୀର୍ଘଦିନ ରୁ ପ୍ରେମ ସଂପର୍କ ରହିଥିଲା । ଥାନା ଅଧିକାରୀ ଉଭୟ ପରିବାର ସଦସ୍ୟ ଓ ଗ୍ରାମର କେତେକ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତି ରେ ବାହାଘର କରାଇଥିବା ଜଣାପଡିଛି । ଉଭୟ ପୁଅ ଏବଂ ଝିଅ ପରଷ୍ପରକୁ ଫୁଲମାଳ ପିନ୍ଧାଇ ବିବାହ ସଂପନ୍ନ କରିଥିବା ଜଣାପଡିଛି ।

ଧଳା ଜହର ବ୍ରାଉନ ସୁଗାର ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୧୦/୦୫ (ନି.ପ୍ର): ଗତ କିଛିଦିନ ହେଲା କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ଚୋରା ମଦ, ଗଞ୍ଜେଇ, ଚରସ, ବ୍ରାଉନ ସୁଗାର ଆଦି ବ୍ୟବସାୟ ବଢିବାରେ ଲାଗିଛି । ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ଶୋଇ ଥିବାରୁ ଜିଲ୍ଲା ଓ ସହରର ମଧ୍ୟରେ ବ୍ରାଉନ ସୁଗାର ଦି ଦିପ୍ରହରରେ ବିକ୍ରୟ ଚାଲିଛି । ଏହାକୁ ଚୋରାରେ ବିକ୍ରି କରି କିଛି ଯୁବକ ବେଶ ଅର୍ଥ ରୋଜଗାର କରୁଛନ୍ତି । ଅବକାରୀ ବିଭାଗ ସବୁ ଜାଣିଥିଲେ ମଧ୍ୟ କୋଚିଆମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାଁନ୍ତି । ନିକଟରେ ମହାକାଳପଡା ଠାରେ ଦେଢ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିବାର ଏଥିରେ ବହୁତ ଲୋକ ସଂଶ୍ଳିଷ୍ଟ ଥିଲେ ମଧ୍ୟ ଜଣକୁ ମାତ୍ର ଗିରଫ କରାଯାଇଛି । ମଙ୍ଗଳବାର ଖବରପାଇ ଅବକାରୀ ବିଭାଗ କେନ୍ଦ୍ରାପଡା ସହର ଫକିରାବାଦ ଗ୍ରାମର ମିର୍ ରିଫାକତ ଅଲ୍ଲୀ ନାମକ ଜଣେ ଯୁବକଙ୍କୁ ଗିରଫ କରି ତାଙ୍କ ପାଖରୁ ୩୩ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଛି । ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ୍ୟ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଅଭିଯୁକ୍ତର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠା ଯାଇଥିବା ସୂଚନା ମିଳିଛି ।

ଚେକ୍ ବାଉନ୍ସ ଘଟଣାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: କେବଳ ଅଧିକାରୀ ନୁହନ୍ତି, ମାମଲାରେ କମ୍ପାନିକୁ କରାଯିବ ପକ୍ଷଭୁକ୍ତ

କଟକ, ୧୦/୦୫ (ନି.ପ୍ର): ଚେକ୍ ବାଉନ୍ସ ପ୍ରସଂଗରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ଚେକ୍ ବାଉନ୍ସ ଘଟଣାରେ ଯଦି ଅଭିଯୁକ୍ତ କମ୍ପାନିକୁ ପକ୍ଷଭୁକ୍ତ ନ କରି କେବଳ ଏହାର ନିର୍ଦ୍ଦେଶକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିବ ତେବେ ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଅଭିଯୋଗକାରୀଙ୍କ ନିକଟରୁ ଧାନ କିଣିଥିବା କମ୍ପାନିକୁ ମାମଲାରେ ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ କରାଯାଇ ନଥିଲା । ଏଥି ସହିତ ଯେଉଁ କମ୍ପାନି ତରଫରୁ ଅଭିଯୋଗକାରୀଙ୍କୁ ଚେକ୍ ଦିଆଯାଇଥିଲା ତାକୁ ମାମଲାରେ ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ ନ କରି ଏହାର ନିର୍ଦ୍ଦେଶକଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା । ଘଟଣା ବେଳେ ସଂପୃକ୍ତ ନିର୍ଦ୍ଦେଶକ କେଉଁ ଦାୟିତ୍ୱରେ ଥିଲେ ଓ ସେହି ସମୟରେ କିଭଳି ଭାବେ କମ୍ପାନିର କାରବାର ପାଇଁ ଦାୟୀ ଥିଲେ ସେ ନେଇ ଅଭିଯୋଗକାରୀ କିଛି ଉଲ୍ଲେଖ କରି ନଥିଲେ । ଏଭଳି ସ୍ଥିତିରେ କେବଳ ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା ଗ୍ରହଣୀୟ ହେବ ନାହିଁ ବୋଲି ହାଇକୋର୍ଟ କହିବା ସହିତ ଭଦ୍ରକ ଏସଡିଜେଏମ ଅଦାଳତଙ୍କ ୨୦୧୯, ଜୁଲାଇ ୯ର କଗନିଜାନ୍ସ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି । ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ପି.ସି.ରଥଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଜଣେ ବ୍ୟକ୍ତିଙ୍କୁ ଧାନ ବିକ୍ରି ବାବଦରେ ଏକ କମ୍ପାନି ତରଫରୁ ଦିଆଯାଇଥିବା ୧୫ କୋଟି ଟଙ୍କାର ଚେକ୍ ?ଟି ବାଉନ୍ସ କରି ଯାଇଥିଲା । ଏହାପରେ ଧାନ ଦେଇଥିବା ବ୍ୟକ୍ତି କମ୍ପାନିର ନିର୍ଦ୍ଦେଶକ ଶ୍ରୀ ରଥଙ୍କ ବିରୋଧରେ ଏନଆଇ ଆକ୍ଟର ଧାରା ୧୩୮ରେ କଂପ୍ଲେନ ମାମଲା ରୁଜୁ କରିଥିଲେ । ଭଦ୍ରକ ଏସଡିଜେଏମ ଅଦାଳତ ମାମଲାର ଶୁଣାଣି କରି ଶ୍ରୀ ରଥଙ୍କ ବିରୋଧରେ କଗନିଜାନ୍ସ ଗ୍ରହଣ କରିଥିଲେ । ଏହି ନିର୍ଦ୍ଦେଶକୁ ବିରୋଧ କରି ଶ୍ରୀ ରଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଧାନ କିଣିଥିବା ଓ ଚେକ୍ ଦେଇଥିବା କମ୍ପାନିକୁ ପକ୍ଷଭୁକ୍ତ କରି ନଥିବାରୁ ନିମ୍ନ ଅଦାଲତରେ ଦାୟର କଂପ୍ଲେନ ମାମଲା ଗ୍ରହଣୀୟ ହେବା କଥା ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ଏହି ପ୍ରସଂଗରେ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଦିଗ ରହିଥିବା ବେଳେ ବରିଷ୍ଠ ଆଇନଜୀବୀ ଡି.ପି.ଧଳଙ୍କୁ ହାଇକୋର୍ଟ ଆମିକସ୍ କ୍ୟୁରୀ ଭାବେ ନିଯୁକ୍ତି ଦେଇଥିଲେ । ସୁପ୍ରିମକୋର୍ଟଙ୍କ ଅନିତା ହାଡା ମାମଲାର ରାୟ ପ୍ରସଂଗରେ ଆମିକସ୍ କ୍ୟୁରୀ ହାଇକୋର୍ଟଙ୍କ ଦୃଷ

ମୂର୍ତ୍ତିମାନଙ୍କ ଗାଁ ପାଲଟିଛି ରଘୁନନ୍ଦନ ପାହାଡ

ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ, ବିଚିତ୍ର ତାର ପରିକଳ୍ପନା । ଯେଉଁଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଓ ପରମ୍ପରା । ଯାହାକି ଆଜିବି ରହସ୍ୟ ହୋଇ ରହିଛି । ତେବେ ସେହିଭଳି ଏକ ପାହାଡ ହେଉଛି ତ୍ରିପୁରାର ରଘୁନନ୍ଦନ ପାହାଡ । ଯେଉଁଠାରେ ରହିଛି ଅନେକ ମୂର୍ତ୍ତି । ଯାହାକୁ ଦେଖିଲେ ମନେ ହୁଏ ସତେ ଯେପରି ତାହା ହେଉଛି ମୂର୍ତ୍ତିମାନଙ୍କର ଏକ ଗାଁ ଏବଂ ସେଠାରେ ମୂର୍ତ୍ତିମାନ ସେହି ପାହାଡକୁ ଜଗି ବସିଛନ୍ତି । ତେବେ ଏହି ପାହାଡକୁ ନେଇ ଅନେକ ଲୋକକଥା ମଧ୍ୟ ରହିଛି । ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଏବଂ ଚକିତ କରିଦିଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ରହସ୍ୟମୟ ପାହାଡ ବିଷୟରେ...





ତ୍ରିପୁରାର ଏକ ପାହାଡ ହେଉଛି ରଘୁନନ୍ଦନ ପାହାଡ଼ । ଯେଉଁଠାରେ ଖୋଦିଦ ହୋଇଛି ଅନେକ ମୂର୍ତ୍ତି । କୁହାଯାଏ ଯେ ଏଠାରେ ପ୍ରାୟ ୯୯ ଲକ୍ଷ ୯୯ ହଜାର ୯୯୯ ମୂର୍ତ୍ତି ରହିଛି । ଏହି ସବୁ ମୂର୍ତ୍ତି ମାନଙ୍କୁ କିଏ ଏବଂ କେବେ ତିଆରି କରିଥିଲେ ତାହା କାହାରିକୁ ମଧ୍ୟ ଜଣାନାହିଁ । କିନ୍ତୁ ସେଠାକାର ଲୋକଙ୍କ ବିଶ୍ୱାସ ଏବଂ କହିବା ଅନୁଯାୟୀ, ଅଷ୍ଟମ କିମ୍ବା ନବମ ଶତାବ୍ଦିରେ ଏହାକୁ ନିର୍ମାଣ କରାଯାଇଥିଲା । ତେବେ ଉଭୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ଏବଂ ସରକାର ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳୀ ଘୋଷଣା କରିବାକୁ ଉଦ୍ୟମ କରୁଛନ୍ତି । ସେହିପରି ଇତିହାସକାର କୁହନ୍ତି କି ଏହି ପଥର ମୂର୍ତ୍ତିମାନ ବହୁତ ଦୁର୍ଲଭ ଅଟନ୍ତି । ଏହି ସବୁ ମୂର୍ତ୍ତି କୟୋଡ଼ିଆର ଅଙ୍ଗୋରବାଟରେ ଦେଖାଯାଇଥିବା ମୂର୍ତ୍ତି ଭଳି । ଯାହା ଉପରେ ଇତିହାସକାରମାନେ ବହୁ ବର୍ଷରୁ ଅଧ୍ୟୟନ କରି ଆସୁଛନ୍ତି । ତେବେ ବଙ୍ଗାଳିରେ ଏହି ସବୁ ମୂର୍ତ୍ତିକୁ ଉନାକୋଟି କୁହାଯାଏ । ଯାହାର ଅର୍ଥ ହେଉଛି ଗୋଟେ କୋଟିରୁ ଗୋଟିଏ କମ୍ । ସେଥିପାଇଁ ଏଠାରେ ୯୯ ଲକ୍ଷ ୯୯ ହଜାର ୯୯୯ ମୂର୍ତ୍ତି ରହିଛି । ତେବେ ଏହି ରଘୁନନ୍ଦନ ପାହାଡରେ ଥିବା ଅନେକ ମୂର୍ତ୍ତି ଖରାପ ପାଣିପାଗ କାରଣରୁ ନଷ୍ଟ ହୋଇଗଲାଣି । ଏହି ପାହାଡରେ ଥିବା ମୂର୍ତ୍ତମାନଙ୍କ ଉପରେ ଝରଣା ବହୁଥିବାର ମଧ୍ୟ ଦେଖାଯାଏ । ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସହ ଏହାର ମନୋରମ ଦୃଶ୍ୟ ଅନେକ ପର୍ଯ୍ୟଟକଙ୍କୁ ଏଠାକୁ ଟାଣିଆଣେ । ତ୍ରିପୁରା ସରକାର ମୂର୍ତ୍ତିମାନଙ୍କ ଆଖପାଖରେ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରିଛି । ତେବେ ଅନେକ ବିଷେଶଜ୍ଞ ମାନେ କହୁଛନ୍ତି ଏହି ପାହାଡ଼ ଭିତରେ ଲୁଚି ରହିଛି ଅନେକ ଗୁପ୍ତ ଧନ । ଗୁପ୍ତ ଧନକୁ ଲୁଚାଇ ଏଠାରେ ଏମିତି ସବୁ ମୂର୍ତ୍ତି କରାଯାଇଛି ବୋଲି ବିଶ୍ୱାସ କରାଯାଉଛି । ତେବେ ଏହିସବୁ ମୂର୍ତ୍ତିମାନଙ୍କ ଉଚ୍ଚତା ୩୦ ଫୁଟ ଏବଂ ୧୦ ଫୁଟ ହେବ । ମୂର୍ତ୍ତିମାନଙ୍କ ମଧ୍ୟରେ ଭଗବାନ ଶିବଙ୍କର ମଧ୍ୟ ମୂର୍ତ୍ତି ରହିଛି । ଗଣେଷ ଏବଂ ଭୃଷବ ମଧ୍ୟ ରହିଛନ୍ତି । ତେବେ ଏହି ପାହାଡ଼କୁ ଦେଖିଲେ ଫିଲ୍ମ ଦେଖିଲା ଭଳି ଲାଗିବ । ଲାଗିବ ଯେମିତି ଫିଲ୍ମ ପାଇଁ ଏହି ସବୁ ସେଟ୍ ଗୁଡ଼ିକୁ ତିଆରି କରାଯାଇଛି ।







ମୁହଁରୁ କେମିତି ହଟିବ ଡି-ଟ୍ୟାନ ଦାଗ: ଆପଣାନ୍ତୁ ଏହି ଉପାୟ

ସାଧାରଣତଃ ଖରାରେ ବୁଲିବା ଦ୍ୱାରା ହାତ, ଗୋଡ଼ ଓ ମୁହଁରେ କଳା ଦାଗ ଆସିଥାଏ ଯାହାକୁ ଆମେ ଡି-ଟ୍ୟାନ କହିଥାଉ । ଏହି ଦାଗ ବା ଡି-ଟ୍ୟାନ୍ ହାତ ଓ ଗୋଡ଼ରୁ ଦୂର କରିବା ପାଇଁ ଦୁଇ ଚାମଚ ବେସନ ସହ ମହୁ ଏକ ଚାମଚ ଓ ଏକ ଚାମଚ କଞ୍ଚାକ୍ଷୀରକୁ ଭଲ ଭାବେ ମିଶାଇ ଦାଗ ସ୍ଥାନରେ ୧୫ ମିନିଟ୍ ସମୟ ଲଗାଇ ପେଷ୍ଟଟି ସମ୍ପୂର୍ଣ୍ଣ ଭାବେ ଶୁଖିଲା ପରେ ଏହାକୁ ପାଣିରେ ଧୋଇବେ । ଏହାସହ ମୁହଁରେ ଡି-ଟ୍ୟାନ ପାଇଁ ଏକ ଚାମଚ୍ କଫି ପାଉଡର ସହ ଫେସ୍ ସିରମ୍ ଗୋଟେ ଚାମଚ କିମ୍ବା ଗୋଟେ ଭିଟାମିନ୍-ଇ କ୍ୟାପସୁଲକୁ ଭାଙ୍ଗି ତା' ଜେଲ୍‌କୁ ମିଶାଇ ୨୦ ମିନିଟ୍ ସମୟ ପର୍ଯ୍ୟନ୍ତ ମୁହଁରେ ଲଗାଇବେ ଏବଂ ଏହା ଶୁଖିବା ପରେ ଅଳ୍ପ ପାଣିରେ ମୁହଁକୁ ମସାଜ୍ କରି ଭଲ ଭାବେ ଧୋଇବେ । କିମ୍ବା ଗୋଟେ ଚାମଚ ମୁଲତାନି ସହ ୫ରୁ ୬ ବୁନ୍ଦା ଗୋଲାପଜଳକୁ ମିଶାଇ ମୁହଁରେ ଲଗାଇଲେ ଏହା ଡି-ଟ୍ୟାନ ସମସ୍ୟାକୁ ଦୂର କରିଥାଏ । ଏହିସବୁ ପକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଏହା ଡି-ଟ୍ୟାନ୍ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଥାଏ । ଏହାସହ ପ୍ରତ୍ୟେକ ଦିନ ଘରୁ ବାହାରିବା ପୂର୍ବରୁ ବା ଘର ରହିଲେ ମଧ୍ୟ ମୁହଁକୁ ଭଲ ଭାବେ ପାଣିରେ ଧୋଇ ହାଲୁକା ଭାବେ ପୋଛି ବଜାରରେ ମିଳୁଥିବା କୌଣସି ବି ସନ୍‌କ୍ରିମକୁ ମୁହଁରେ ଲଗାଇବା ଅତ୍ୟନ୍ତ ଜରୁରୀ ।

ଓଜନ ବଢ଼ାଇବା ସହ ଚର୍ମ ସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍

ଚକ୍‌ଲେଟ୍, ଚିପ୍‌ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ 'ସ୍ନାକ୍-ଫୁଡ୍' କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍‌ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍‌ଲେଟ୍, ବିସ୍କିଟ୍, ଚିପ୍‌ସ, ମିଲ୍‌କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରିଏସାଣ୍ଟ, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

ସକାଳେ ଆଇସ୍‌କ୍ରିମ୍ ଖାଉଥିବା ବ୍ୟକ୍ତି ଅଧିକ ସ୍ମାର୍ଟ

ଟୋକିଓର କ୍ୟୋରିନ୍ ୟୁନିଭର୍ସିଟିର ଗବେଷକଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟ ଅଧ୍ୟୟନ ଅନୁସାରେ, ଯେଉଁମାନେ ସକାଳେ ଜଳଖିଆରେ ଆଇସ୍‌କ୍ରିମ୍ ଖାଆନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ ସ୍ମାର୍ଟ । ମନକୁ ଜାଗ୍ରତ କରିବାରେ ଆଇସ୍‌କ୍ରିମ୍‌ର ପ୍ରଭାବ ରହିଛି । ସକାଳେ ବିଛଣା ଛାଡ଼ିବା ସଙ୍ଗେସଙ୍ଗେ ଆଇସ୍‌କ୍ରିମ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଏକ ପ୍ରକାର ଝଟ୍‌କା ଲାଗେ । ଫଳରେ ଏହା ସକ୍ରିୟ ହୋଇଯାଏ । ଏହା ଦ୍ୱାରା ମାନସିକ ଦକ୍ଷତା ବଢ଼ିଥାଏ । ମସ୍ତିଷ୍କକୁ ତାହା ସେହି ସ୍ତରକୁ ନେଇଯାଏ ଯାହା ଦିନସାରା ଜଣକୁ ସତର୍କ ରଖେ । ଏଭଳି ଏକ ଅସାଧାରଣ

ଅଧ୍ୟୟନକୁ ପ୍ରମାଣ କରିବା ପାଇଁ ଏହି ୟୁନିଭର୍ସିଟିର ଗବେଷକମାନେ କିଛି ପରୀକ୍ଷା କରିଥିଲେ । କେତେକ ପ୍ରତିଯୋଗୀଙ୍କୁ ଦୁଇଟି ଦଳରେ ବିଭକ୍ତ କରିଥିଲେ । ଗୋଟିଏ ଦଳକୁ ସକାଳେ ଉଠିବା ମାତ୍ରେ ଆଇସ୍‌କ୍ରିମ୍ ଖାଇବାକୁ ଦିଆଗଲା । ଅଧ୍ୟୟନ ଅନୁସାରେ, ସକାଳେ ଆଇସ୍‌କ୍ରିମ୍ ଖାଇଥିବା ବ୍ୟକ୍ତି ଦିନସାରା ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ଅନ୍ୟ ଦଳଠାରେ ସେଭଳି କିଛି କାର୍ଯ୍ୟକଳାପ ପରିଲକ୍ଷିତ ହେଲାନାହିଁ । ମସ୍ତିଷ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଥିବାରୁ ଥଣ୍ଡା ଆଶଙ୍କା ଦେଖାଦେଇପାରେ ବୋଲି କିଛି ଗବେଷକ ଏହି ଅଧ୍ୟୟନକୁ ଚ୍ୟାଲେଞ୍ଜ କରିଛନ୍ତି । ଏହାଛଡ଼ା ମାତ୍ରାଧିକ ସର୍କରା ଶରୀର ପାଇଁ ହାନିକାରକ ବୋଲି କେତେକ ମତ ଦେଇଛନ୍ତି ।

ସୁସ୍ଥ ରହିବା ପାଇଁ ଚାହୁଁଥିଲେ ପ୍ରତିଦିନ ଖାଆନ୍ତୁ ଏହି ୪ଟି ଜିନିଷ

ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ରହିବା ନିହାତି ଆବଶ୍ୟକ । ଯଦି ଆପଣଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଛି ତେବେ ଆପଣ କୌଣସି ପ୍ରକାରର ରୋଗରେ ଶୀଘ୍ର ଆକ୍ରାନ୍ତ ହେବାର ଆଶଙ୍କା କମ ହୋଇଥାଏ । କାରଣ ଏହି ଶକ୍ତି ଆପଣଙ୍କୁ ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ସାହାଯ୍ୟ କରିଥାଏ । ଯଦି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ନାହିଁ ତେବେ ଭୋକ ନ ଲାଗିବା, ପେଟ ଭାରି ଲାଗିବା, ଛାତି ପୋଡ଼ିବା ଇତ୍ୟାଦି ସମସ୍ୟା ଦେଖା ଦେଇଥାଏ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ କରିବା ପାଇଁ ହେଲେ ଏହି ୪ଟି ଜିନିଷ ଖାଇବା ନିହାତି ଆବଶ୍ୟକ । ଆସନ୍ତୁ ଜାଣିବା ସେ ବିଷୟରେ...

୧.କିୱି ପାଟିକୁ ଯେତିକି ସୁଆଦିଆ ଲାଗେ ଶରୀର ପାଇଁ ମଧ୍ୟ ସେତିକି ଲାଭଦାୟକ ହୋଇଥାଏ । ଏଥିରେ ଭିଟାମିନ ସିର ପରିମାଣ ଅଧିକ ରହିଥାଏ, ଯାହା ଶରୀରକୁ ସୁସ୍ଥ ରଖିଥାଏ । ପ୍ରତିଦିନ ଗୋଟେ କିୱି ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

୨.ଗୁଡ଼ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି । ପେଟର ସମସ୍ୟା ଦୂର କରିବା ପାଇଁ ଗୁଡ଼ କୌଣସି ଔଷଧଠାରୁ କମ ନୁହେଁ । ପ୍ରତିଦିନ ଗୋଟେ ଖଣ୍ଡ ଗୁଡ଼ ଖାଇଲେ ଶରୀରକୁ ଲାଭ ମିଳିବା ସହ ପେଟଜନିତ ସମସ୍ୟା ଦୂର ହୋଇଥାଏ ।

୩.ଭିଟାମିନ୍ ସିରେ ଭରପୂର ଥିବା ଅଁଳାକୁ ପ୍ରତିଦିନ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଶରୀରରୁ ଅନେକ ପ୍ରକାରର ବିଷାକ୍ତ ପଦାର୍ଥକୁ କାଢ଼ିବା ପାଇଁ ଅଁଳା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ପ୍ରତିଦିନ ହେଉଥିବା କାଶରୁ ମୁକ୍ତି ପାଇବା ପାଇଁ ଅଁଳା ଖାଇବା ଅତ୍ୟନ୍ତ ଭଲ ।

୪.ସେଓରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ପ୍ରତିଦିନ ସେଓ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ସେଓ ଫଳ ଖାଇବା ଶରୀର ପାଇଁ ଭଲ ।

୪ଟି ଭୁଲପାଇଁ ହୋଇପାରେ କିଡନୀ ସମସ୍ୟାର କାରଣ

କିଡନୀ ମଣିଷ ଶରୀରରେ ରକ୍ତକୁ ସଫା କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ । ଏହା ଶରୀରର ସବୁଠାରୁ ଗୁରୁ ପୂର୍ଣ୍ଣ ଅଙ୍ଗ ହୋଇଥାଏ । ପ୍ରତି ମଣିଷର ଶରୀରରେ ଦୁଇଟି କିଡନୀ ଥିବା ବେଳେ ଆଜିକାଲିର ବ୍ୟସ୍ତବହୁଳ ଜୀବନ ପାଇଁ ଲୋକମାନେ ନିଜ ଶରୀର ପ୍ରତି ଧ୍ୟାନ ଦେଇ ପାରୁ ନାହାନ୍ତି । କିଛି ନ ଭାବି ସେମାନେ କିଛି ବି ଖାଉଥିବାରୁ ସେମାନଙ୍କ ଶରୀରରେ ବିଭିନ୍ନ ପ୍ରକାରର ରୋଗ ଦେଖା ଦେଉଛି । ଦିନ ସାରା ମଣିଷ କରୁଥିବା ଛୋଟ ଛୋଟ ଭୁଲ ପାଇଁ ଶରୀରର ଗୁରୁ ପୂର୍ଣ୍ଣ ଅଙ୍ଗ ପ୍ରଭାବିତ ହେଉଛି । ଆସନ୍ତୁ ଜାଣିବା ସେ ବିଷୟରେ.....

♦ପାଣି ପିଇବା ଶରୀର ପାଇଁ ଲାଭଦାୟକ ହୋଇଥଏ । କିନ୍ତୁ ଦରକାରଠାରୁ ଅଧିକ କିମ୍ବା କମ ପାଣି ପିଇବା ଦ୍ୱାରା ଏହା ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ । ଦିନକୁ ୮-୧୦ଗ୍ଲାସ ପାଣି ପିଇବା ଦରକାର । ଏହାଠାରୁ ଅଧିକ ପାଣି ପିଇଲେ କିଡନୀକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହାଦ୍ୱାରା କିଡନୀ ଖୁବ୍ ଶୀଘ୍ର ଖରାପ ହେବାର ଆଶଙ୍କା ରହିଥାଏ ।

♦ଅଧିକ ମାତ୍ରାରେ ପେନ୍ କିଲର ଖାଇବା ଦ୍ୱାରା ଏହା କିଡନୀ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଶରୀରରେ ପେନ୍ କିଲରର ମାତ୍ରା ଅଧିକ ହେବା ଦ୍ୱାରା କିଡନୀରେ ଥିବା କୋଷିକାଗୁଡ଼ିକ ନଷ୍ଟ ହୋଇଯାଇଥାଏ ।

♦ଖାଇବା ପ୍ରସ୍ତୁତ ହେବା ପରେ ଯେଉଁ ଲୋକମାନେ ତା' ଉପରେ ଲୁଣ ପକାଇ ଖାଇଥାନ୍ତି, ସେମାନଙ୍କୁ କିଡନୀ ସହ ଜଡ଼ିତ ସମସ୍ୟା ହେବାର ଆଶଙ୍କା ଅଧିକ ରହିଥାଏ ।



ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

କର୍ଣ୍ଣାଟକର କସରତ...

କର୍ଣ୍ଣାଟକ ରାଜ୍ୟ ବିଧାନସଭାର ଦୁଇ ଶହ ଚବିଶ ସଦସ୍ୟଙ୍କୁ ବାଛିବା ନିମନ୍ତେ ଆଜି ହେଉଛି ନିର୍ବାଚନ । ଏଠାରେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ରାଜନୀତିକ ଦଳମାନଙ୍କର, ବିଶେଷକରି ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଓ ଜନତା ଦଳ (ଧର୍ମନିରପେକ୍ଷ)ଙ୍କର ଭୋଟରମାନଙ୍କୁ ନିଜ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ମାସ ମାସର କସରତର ଫଳାଫଳ ଆଜି ଭୋଟ୍ ବାକ୍ସଗୁଡ଼ିକ ମଧ୍ୟରେ ବନ୍ଦ ହୋଇ ରହିବ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ, ଯେଉଁଦିନ ଏହା ଗଣତି ହୋଇ ରାଜ୍ୟରେ ଭବିଷ୍ୟତରେ ଶାସନର ଡୋରି କାହା ହାତକୁ ଯିବ, ତାହା ଘୋଷଣା ହେବ । ଏଥିପାଇଁ ପ୍ରଚାର କାର୍ଯ୍ୟ ସୋମବାରଠୁ ସରି ଯାଇଛି । ଗତ କାଲି ଅର୍ଥାତ୍ ମଙ୍ଗଳବାର ଦିନ ଭୋଟରମାନଙ୍କ ପାଇଁ ମତଦାନ ବାବଦରେ ନିଜ ନିଜର ମନ ସ୍ଥିର କରିବାକୁ ମିଳିଥିଲା ଆପାତତଃ ଶାନ୍ତ ନିରବ ଦିନଟିଏ ଯାହା ପୂର୍ବରୁ ସେମାନେ ବେଶ୍ କିଛିଦିନ ଧରି ଶୁଣି ଆସୁଥୁଲେ ନେତାମାନଙ୍କର ବଡ଼ ବଡ଼ ପ୍ରତିଶ୍ରୁତି, ପରସ୍ପର ଉପରକୁ କାଦୁଅ ଫିଙ୍ଗା, ଯାହା ବେଳେ ବେଳେ ବ୍ୟକ୍ତିଗତ ଆକ୍ଷେପ ପ୍ରତିଆକ୍ଷେପ ସ୍ତରକୁ ଚାଲି ଯାଉଥିଲା ବା କେବେ କେବେ ଗଭୀର ଭାବରେ ସାମ୍ପ୍ରଦାୟିକ ମଧ୍ୟ ହୋଇ ଉଠୁଥିଲା । ତେଣୁ ଗତ କାଲିଟି ଭୋଟରମାନଙ୍କ ପାଇଁ ନେତାମାନଙ୍କ ବଡ଼ ବଡ଼ ବାହାସ୍ଫୋଟ, ସେସବୁର ଜବାବୀ ବାହାସ୍ଫୋଟ, ପ୍ରତିଶ୍ରୁତି, ଘୋଷଣା, ଶପଥ, ଆକ୍ରମଣ ପ୍ରତିଆକ୍ରମଣ, ଅଭିଯୋଗ, ବିଜ୍ଞାପନ, ସଭା, ବକ୍ତୃତା, ଗୀତ ଏବଂ ଭୋଟରମାନଙ୍କୁ ଆକୃଷ୍ଟ କରିବା ଭଳି ଆହୁରି ଅନେକ କିଛି କାର୍ଯ୍ୟକ୍ରମରୁ ମୁକ୍ତ ଥିଲା । ଏସବୁ ପରେ ଆମେ ସମସ୍ତେ ଏହି ରାଜ୍ୟର ଭୋଟରମାନଙ୍କୁ ଗୋଟିଏ ମାତ୍ର କଥା କହିବାକୁ ଏବଂ ପରାମର୍ଶ ଦେବାକୁ ଆଶା କରି ପାରିବା ଯେ ଦୟାକରି ସମସ୍ତେ ମତଦାନ କରନ୍ତୁ । ମତ ଯେଉଁ ପ୍ରାର୍ଥୀ ବା ଦଳ, ତାହା ଜାତୀୟ ସ୍ତରୀୟ ହେଉ କି ରାଜ୍ୟସ୍ତରୀୟ ବା ସ୍ୱାଧୀନ ହେଉ କି ନୋଟା, ଯେଉଁଥରେ ହେଲେ ବି ଦିଅନ୍ତୁ ଏବଂ ନିଜେ ଜଣେ ନାଗରିକ ଭାବରେ ଗଣା ହେବା ସହିତ ନିଜର କର୍ତ୍ତବ୍ୟକୁ ଆପଣ ନିର୍ବାହ କରିଥିବାକୁ ସାବ୍ୟସ୍ତ କରନ୍ତୁ । ଏକ ଗଣତନ୍ତ୍ର ସେତିକି ବେଳେ ସୁଦୃଢ଼ ବୋଲି ନିଜକୁ ପ୍ରମାଣିତ କରିଥାଏ, ଯେତେବେଳେ ଏହାର ନାଗରିକମାନଙ୍କର ଏକ ବଡ଼ ଅଂଶ ସମାଜ ବା ଦେଶର ବ୍ୟାପାରରେ ନିଜକୁ ସମ୍ପୃକ୍ତ କରିଥାଏ ଏବଂ ଆଶା କରାଯାଉ ଏଇ ବିଧାନସଭା ନିର୍ବାଚନରେ କର୍ଣ୍ଣାଟକ ରେକର୍ଡ ସଂଖ୍ୟକ ମତଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ । ବୁଧବାର ଦିନ ମତଦାନ ଶେଷ ହେବା ପରେ ସନ୍ଧ୍ୟାରେ ସମସ୍ତଙ୍କ ଧ୍ୟାନ ଅବଶ୍ୟ ଏକ୍‌ଜିଟ୍ ପୋଲ୍ ଆଡ଼କୁ ଯିବ ଏବଂ ଶେଷରେ ଏହା ଶନିବାର ଅର୍ଥାତ୍ ୧୩ ତାରିଖର ଗଣତି ଓ ଫଳାଫଳ ଘୋଷଣା ଆଡ଼କୁ । କର୍ଣ୍ଣାଟକ ପାଇଁ ନିର୍ବାଚନ ପ୍ରଚାରକୁ ଯଦି ଏକ ଚଳଚ୍ଚିତ୍ର ଭାବରେ ଧରି ନିଆଯାଏ, ତା'ହେଲେ ଏହାକୁ ନିଃସନ୍ଦେହରେ ଏକ ବଡ଼ ଭାରତୀୟ ଥିଲର ଏବଂ ଏହାର ପ୍ରତ୍ୟେକଟି ଉପାଦାନ ଆଉ ମୋଟାମୋଟି ପୂରା ବିଷୟବସ୍ତୁ ଏକ ଲୋଭନୀୟ ଭୋଜନ ଥାଳି ଥିଲା ବୋଲି କୁହାଯାଇ ପାରିବ । କଂଗ୍ରେସ ଦଳ, ଯାହା ନିର୍ବାଚନ ପୂର୍ବ ବିଧାନସଭା କାର୍ଯ୍ୟକାଳର ଅଧିକାଂଶ ଭାଗ ବିରୋଧୀ ଦଳ ଭାବରେ ଭୂମିକା ତୁଲାଇ ଥିଲା, ତାହା ପ୍ରଥମାର୍ଦ୍ଧରେ କିଛି ସମୟ ପାଇଁ ଜେଡି (ଏସ୍) ସହିତ ମିଶି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବରେ ବିଜେପିକୁ କ୍ଷମତାରୁ ଦୂରେଇ ରଖିବା ସହିତ ବିଏସ୍ ୟେଦିୟୁରାପ୍ପାଙ୍କ ସକ୍ରିୟ ରାଜନୀତିକ କ୍ୟାରିଅରରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପକାଇ ଥିଲା । ତେବେ ପରବର୍ତ୍ତୀ ସମୟରେ ଅନେକ କିଛି ଏହା ସପକ୍ଷରେ ସକାରାତ୍ମକ ଭାବରେ ଏବଂ ବିଜେପି ବିରୁଦ୍ଧରେ ଯାଇଥିଲା । ପୁଣି ଗାନ୍ଧୀ ପରିବାର ପ୍ରଚାରର ମଙ୍ଗ ସମ୍ଭାଳିବା ସାଙ୍ଗକୁ ଦଳର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାଙ୍କ ସହିତ ରାଜ୍ୟର ଦୁଇ ବରିଷ୍ଠ ନେତା ସିଦ୍ଧରମେୟା ଏବଂ ଡିକେ ଶିବକୁମାର ବିଜେପି-ନେତୃତ୍ୱାଧୀନ ସରକାରର ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଜଣେ ଦୁର୍ନୀତିଗ୍ରସ୍ତ, ଅପାରଗ ନେତା ଭାବରେ ଉପସ୍ଥାପିତ କରି ପାରିଥିଲା ଯେଉଁଥିପାଇଁ ଅଧୁକାଂଶ ପ୍ରାକ୍-ନିର୍ବାଚନୀ ଆକଳନ ଅନୁସାରେ ଦଳ କର୍ଣ୍ଣାଟକରେ ବହୁ ମତରେ ବିଜୟୀ ହେବ ବୋଲି ଆଶା କରାଯାଉଛି । ଅପର ପକ୍ଷରେ, ସବୁ ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ବିଜେପି ଲଢ଼ିବା ପାଇଁ ତା'ର ସମସ୍ତ ସାଧନକୁ ଲଗାଇ ଦେଇଛି ଏବଂ ଭୋଟରମାନଙ୍କ ସାମ୍ନାରେ ଉପସ୍ଥାପନ କରିଛି ଯେ ଗୁଜରାଟରେ ସବୁ ପ୍ରକାର ଓପିନିୟନ ପୋଲର ଭବିଷ୍ୟବାଣୀ କଂଗ୍ରେସ ପକ୍ଷରେ ଯାଇଥିବା ବେଳେ ଏହା କିପରି ପରାଜୟ ଭୋଗିଥିଲା, ତାହା ଉପସ୍ଥାପନ କରିଛି । ତଥାପି କଂଗ୍ରେସ ଏହାକୁ ବଜରଙ୍ଗ ଦଳ ନିଷେଧ କରିବା ପ୍ରସଙ୍ଗରେ ବ୍ୟାକ୍‌ଫୁଟ୍‌କୁ ଠେଲିବାର ଉଦ୍ୟମ କରିଛି । ତେବେ ବିଜେପି ପାଇଁ ଏକମାତ୍ର ଭରସା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅକ୍ଳାନ୍ତ ଏବଂ ନିର୍ଭିକ ପ୍ରଚାର ଏବଂ ବିଜେପି ଶିବିରର ଅନେକ ଆଶା କରନ୍ତି ଯେ ସେ ଏକା ଏକା ହିଁ ମ୍ୟାଚ୍ଟି ଜିତାଇ ପାରିବେ । କର୍ଣ୍ଣାଟକବାସୀ କିନ୍ତୁ ଆଶା କରନ୍ତି ଯେ ୧୩ ତାରିଖ ଭୋଟ୍ ଗଣତି ପରେ ସ୍ପଷ୍ଟ ବହୁମତ କର (କଂଗ୍ରେସ) ନହେଲେ କମଳ (ବିଜେପି) ମଧ୍ୟରୁ ଯେକୌଣସି ଗୋଟିଏ ଦଳ ସପକ୍ଷରେ ଯିବ; ରାଜ୍ୟରେ ଝୁଲା ସରକାର ହେବାର ଆଶା କ୍ଷୀଣ । ଆଉ ସତକୁ ସତ ଯଦି ତାହା ହୁଏ, ତା'ହେଲେ ଫଳାଫଳ ପ୍ରକାଶ ପାଇବା ପରେ ଦୁଇ ଜାତୀୟ ସ୍ତରୀୟ ଦଳ ମଧ୍ୟରୁ ଯିଏ ହେଲେ ଆନନ୍ଦ ଉତ୍ସବ ପାଳନ କରୁଥିବା ବେଳେ ଜେଡି (ଏସ୍)ର ଯାତ୍ରା କ'ଣ ସବୁଦିନ ପାଇଁ ଶେଷ ହୋଇଯିବ ?

ନିର୍ଣ୍ଣାୟକ ଓବିସି ଭୋଟ

ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଭୋଟକୁ ଗୋଟାଇବା ପାଇଁ ବିଭିନ୍ନ ଦଳ ତରଫରୁ ପ୍ରୟାସ ଆରମ୍ଭ ହୋଇଯାଇଛି । ରାଜ୍ୟରେ ମୁଖ୍ୟତଃ ତିନୋଟି ରାଜନୈତିକ ଶକ୍ତି ଅଦ୍ୟାବଧି ନିଜର ସ୍ଥିତିକୁ ବଜାୟୀ ରଖିଛନ୍ତି । ସେଗୁଡିକ ହେଉଛି ଶାସକ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି ଓ ଭାରତୀୟ ଜାତୀୟ କଂଗ୍ରେସ । ଅନ୍ୟାନ୍ୟ ରାଜନୈତିକ ଦଳମାନେ ବିଭିନ୍ନ ଅଞ୍ଚଳରେ ସୀମିତ । ସମସ୍ତ ରାଜନୈତିକ ଦଳ ଓବିସିମାନଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କରୁଛନ୍ତି । କାରଣ ସ୍ପଷ୍ଟ । ଓବିସି ଇସ୍ୟୁ କ୍ରମେ ଓଡିଶା ରାଜନୀତିର ମୁଖ୍ୟ ପ୍ରସଙ୍ଗ ହେବାକୁ ଯାଉଛି । ଏମାନଙ୍କ ସଂଖ୍ୟା ବି କିଛି କମ ନୁହେଁ । ଏମାନେ ସମୁଦାୟ ଜନସଂଖ୍ୟାର ଅର୍ଦ୍ଧେକରୁ ଅଧିକ । ରାଜନୀତିର ମୋଡକୁ ଏମାନେ ଚାହିଁଲେ ବଦଳାଇ ଦେଇପାରିବେ । ବିଜେଡି ଜାଣିଛି ଏମାନଙ୍କ ସମର୍ଥନ ବିନା କ୍ଷମତାକୁ ଫେରିବା କଷ୍ଟ । ବିଜେପି ଜାଣିଛି ଏମାନଙ୍କୁ ନିଜ ଆଡକୁ ଆଣିପାରିଲେ ପାର୍ଟିର ବିଜୟ ସମ୍ଭାବନା ଆସିପାରେ । କଂଗ୍ରେସ ତାର ପୂର୍ବ ଅବସ୍ଥାକୁ ଫେରିବାକୁ ହେଲେ ଓବିସିମାନଙ୍କ ସମର୍ଥନ ଜରୁରୀ ବୋଲି ତାଙ୍କୁ ଜଣା ।

ବିଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ସହରୀ ନିର୍ବାଚନରେ ରାଜ୍ୟରେ ପୂର୍ବରୁ ଲାଗୁହୋଇ ଆସିଥିବା ପଛୁଆବର୍ଗ ସରଂକ୍ଷଣ ଏବଂ ରାଜ୍ୟରେ ଏମାନଙ୍କ ପାଇଁ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ଲାଗୁହୋଇ ନପାରିବା ପଛରେ ରାଜ୍ୟ ଶାସକ ବିଜେଡ଼ି ଦଳର ଅକ୍ଷମତା ଦୟୀ ବୋଲି ରାଜ୍ୟ ଓବିସି ମହଲରେ ଚର୍ଚ୍ଚା ଚାଲିଛି । ଏ ଦିଗରେ ଏହି ଦଳର ଆନ୍ତରିକତା ଉପରେ ଏମାନଙ୍କ ସନ୍ଦେହ ରହିଛି । ଏ ବିଷୟ ବିଜେଡି ପାଇଁ ଅଡୁଆ ପରିସ୍ଥିତି ତିଆରି କରିପାରେ ବୋଲି ଏ ଦଳ ଅବଗତ ହୋଇସାରିଛି । ତେଣୁ ପାର୍ଟି କ୍ଷତି ଭରଣା ଦିଗରେ ତତ୍ପର ହୋଇଉଠିଛି । ଏପ୍ରକାର ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ଓବିସିଙ୍କ ବିଭିନ୍ନ ସ୍ଥିତିର ପରିସଂଖ୍ୟାନ ମାଗୁଛନ୍ତି । ଅନ୍ୟ ପଟେ ଓବିସିଙ୍କ ଅସନ୍ତୋଷ ବଢିଚାଲିଛି । ପରିସ୍ଥିତିର ଗୁରୁତ୍ୱକୁ ବୁଝି ବିଜେଡି ଏସଇବିସି ଜନଗଣନା ଆରମ୍ଭ କରିଛି । ଏକଥା ସତ୍ୟ ଯେ ରାଜ୍ୟ ସରକାର ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ୨୭%ସଂରକ୍ଷଣ ସୁବିଧା ଓବିସିଙ୍କୁ ପ୍ରଦାନ କରିପାରିଲେ ଏବଂ ପଞ୍ଚାୟତ ଓ ସହରୀ ନିର୍ବାଚନରେ ସଂରକ୍ଷଣକୁ ପୁନର୍ବାର ଲାଗୁ କରିପାରିଲେ ଓବିସି ଭୋଟ ପୂର୍ବବତ୍ ବିଜେଡି ସପକ୍ଷରେ ଅତୁଟ ରହିପାରେ । ଅନ୍ୟଥା ଏମାନଙ୍କ ଭୋଟ ଅନ୍ୟଦିଗକୁ ଚାଲିଯିବାର ସମ୍ଭାବନା ରହିଛି । ଯାହା ବିଜେଡି ପାଇଁ ଚିନ୍ତାର କାରଣ ।

ଓବିସି ଭୋଟକୁ ନିଜ ଆଡକୁ ନେବା ପାଇଁ ବିଜେପି ମଧ୍ୟ ଭରପୁର ଚେଷ୍ଟା କରୁଛି । ପାର୍ଟିର ଓବିସି ଶାଖା ଘନଘନ ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଛି ଯେ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଓବିସିମାନେ ରାଜ୍ୟରେ ନ୍ୟାୟ ପାଇପାରୁ ନାହାନ୍ତି । ଓବିସି ଇସ୍ୟୁକୁ ନେଇ ବିଜେପି ତତ୍ପର ଥିବା ପରି ମନେ ହେଉଛି । ପାର୍ଟି ଓବିସିଙ୍କ ବିଶ୍ୱାସଭାଜନ ହେବାକୁ ଚାହୁଁଛି । ତେବେ ଓବିସିମାନେ ବିଜେପିର ଅତୀତ ଓ ବର୍ତ୍ତମାନର ଆଭିମୁଖ୍ୟ ବିଷୟରେ ଭଲଭାବେ ଅବଗତ ଅଛନ୍ତି । ତତକାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଭି.ପି. ସିଂ ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରୀତା ଘୋଷଣା ପରେ ଏହାକୁ ସମର୍ଥନ ନକରି ବିଜେପି ରାମ ରଥଯାତ୍ରା ଆରମ୍ଭ କରିଥିଲା ଓ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରି ନେଇଥିଲା । ବର୍ତ୍ତମାନର ପରିପ୍ରେକ୍ଷୀରେ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାର ଜାତିଭିତ୍ତିକ ଜନଗଣନାକୁ ପ୍ରତ୍ୟାଖ୍ୟାନ କରିଛି । ରାଜ୍ୟରେ ଓବିସିଙ୍କୁ ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ୨୭% ସଂରକ୍ଷଣ ସୁବିଧା ନଦେବା ପଛରେ ରହିଛି ସଂରକ୍ଷଣ ସୀମା ୫୦% ମଧ୍ୟରେ ସୀମିତ ରଖିବା । ସୁପ୍ରିମକୋର୍ଟଙ୍କ ଏପ୍ରକାର ସୀମା ନିର୍ଦ୍ଧାରଣକୁ କେବଳ ସଂସଦ ନାକଚ କରିପାରିବେ । ଏଦିଗରେ କେନ୍ଦ୍ର ବିଜେପି ନେତୃତ୍ୱାଧୀନ ସରକାର ସମ୍ପୂର୍ଣ୍ଣ ନୀରବ । ରାଜ୍ୟ ବିଜେପି ଏ ସମସ୍ତ ନାକାରାତ୍ମକ ବିଷୟକୁ ପରଦା ଆଡୁଆଳରେ ରଖି ଓବିସି ଦରଦୀ ବୋଲି ଦେଖାଇବାକୁ ଚାହୁଁଛି । ଓବିସିମାନେ ତାଙ୍କ ସଂରକ୍ଷଣ ସୁବିଧା ଉପରେ କେତେ ମାତ୍ରାରେ ବିଜେପିକୁ ଗ୍ରହଣ କରିବେ ତାହା ଦେଖିବାକୁ ହେବ ।

ଭାରତୀୟ ଜାତୀୟ କଂଗ୍ରେସ ରାଜ୍ୟରେ ଓବିସିମାନଙ୍କ ବିଷୟରେ ବିଶେଷ ଚିନ୍ତିତ ଥିବାପରି ଅନୁଭବ ହେଉନାହିଁ । କେନ୍ଦ୍ରୀୟ ନେତୃତ୍ୱ ସାମାଜିକ ନ୍ୟାୟ ପ୍ରସଙ୍ଗକୁ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗରୂପେ ଉତଥାପନ କରିବାକୁ ଚାହୁଁଥିବା ବେଳେ ରାଜ୍ୟ ନେତୃତ୍ୱ ଏ ଦିଗରେ ନୀରବ ରହିଛି । ରାଜ୍ୟ କଂଗ୍ରେସର ଥିବା ତୁଙ୍ଗ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶ୍ରୀକାନ୍ତ ଜେନା ଏହା ଉପରେ ମୁହଁ ଖୋଲି ଦଳରୁ ବିଦା ହୋଇଛନ୍ତି । ସେ ବାରମ୍ବାର କହୁଥିଲେ ଓ କହୁଛନ୍ତି ଯେ 'ଯାହାର ଯେତେ ସଂଖ୍ୟା ତାହାର ସେତେ ଭାଗ' । ସେଇଥି ପାଇଁ ତାଙ୍କୁ ପାର୍ଟିରୁ ବାହାରକୁ ବାଟ ଦେଖାଇ ଦିଆଯାଇଛି । ଏବେ କୁଆଡ଼େ କେନ୍ଦ୍ରରୁ ଚାପ ପଡୁଛି ରାଜ୍ୟରେ ଓବିସିଙ୍କ ଉପରେ ଗୁରୁତ୍ୱ ଦେବା ପାଇଁ । ଏହି ମର୍ମରେ ଦଳେ ଶ୍ରୀକାନ୍ତ ଜେନାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିନେବା ପାଇଁ ଚାପ ସୃଷ୍ଟି କରୁଛନ୍ତି । ସେ କଂଗ୍ରେସକୁ ଫେରିଲେ ଓ ତାଙ୍କୁ ଯଦି ଗୁରୁ ଦାୟିତ୍ୱ ମିଳେ, ତେବେ ସେ ନିଶ୍ଚୟ ଓବିସି କାର୍ଡ ଖେଳିବେ । ସାମାଜିକ ନ୍ୟାୟକୁ ମୁଖ୍ୟ ପ୍ରସଙ୍ଗ କରିବେ । ତାଙ୍କ ନେତୃତ୍ୱରେ କଂଗ୍ରେସ ହଏତ ପୂର୍ବ ସ୍ଥିତିକୁ ଫେରିପାରେ । ତେବେ ଓବିସିକୁ ନେଇ କଂଗ୍ରେସର ଆଭିମୁଖ୍ୟ ଏଯାଏଁ ସ୍ପଷ୍ଟ ହୋଇନାହିଁ । ରାଜ୍ୟରେ ନିଜ ସ୍ଥିତିକୁ ମଜଭୁତ କରିବା ପାଇଁ କଂଗ୍ରେସ ପାଖରେ ଆଉ କୌଣସି ବିକଳ୍ପ ନାହିଁ । ଏ ବିଷୟରେ କେନ୍ଦ୍ରୀୟ ନେତୃତ୍ୱ ଗୁରୁତ୍ୱର ସହିତ ବିଚାର କରୁଥିବାର ଶୁଣିବାକୁ ମିଳୁଛି ।

ଓବିସି ଭୋଟ ରାଜ୍ୟରେ କ୍ରମେ ସଂଗଠିତ ହେଉଛି । ନିର୍ବାଚନ ଯେତେ ପାଖେଇବ ଏହା ସେତେ ଘନୀଭୂତ ହେବ । ସେତେବେଳକୁ ଏମାନେ ନିର୍ଣ୍ଣାୟକ ଶକ୍ତିରେ ପରିଣତ ହୋଇ ସାରିଥିବା ପରି ମନେହୁଏ । ଓବିସିଙ୍କ ସାଂଗଠନିକ ଗତିବିଧିକୁ ସମସ୍ତ ରାଜନୈତିକ ଦଳ ଲକ୍ଷ୍ୟ କରୁଛନ୍ତି । ଓବିସିମାନେ ତାଙ୍କ ଅଧିକାର ଓ ସମାନ ଭାଗୀଦାରୀ ସମ୍ବନ୍ଧରେ କ୍ଷିପ୍ରଭାବେ ସଚେତନ ହେଉଛନ୍ତି । ତେଣୁ ଏମାନେ କୌଣସି ପ୍ରଲୋଭନ ବା ଉନ୍ମାଦନାର ବଶବର୍ତ୍ତୀ ହୋଇ ଭୋଟ ଦେବାର ସମ୍ଭାବନା କମିକମି ଯାଉଛି । ଉତ୍ତର ଭାରତରେ ଓବିସି ରାଜନୈତିକ ଶକ୍ତିର ଅଭ୍ୟୁଦୟ ତାଙ୍କୁ ବିମୋହିତ କରିଛି । ସାମାଜିକ ଗଣମାଧ୍ୟମ ଏଦିଗରେ ତାଙ୍କୁ ସଚେତନ କରୁଛି ।

ଏବେ ଓବିସିମାନେ ରାଜ୍ୟରେ ବିକଳ୍ପ ରାଜନୈତିକ ମଞ୍ଚ ଗଠନ କରିବା ଅବସ୍ଥାରେ ନାହାଁନ୍ତି । ଏପରି ପରିସ୍ଥିତିରେ ତାଙ୍କୁ ଏହି ପ୍ରତିଷ୍ଠିତ ରାଜନୈତିକ ଦଳ ମଧ୍ୟରୁ ଗୋଟିଏକୁ ବାଛିବାକୁ ପଡିବ । ଏଦିଗରେ ପାର୍ଟିମାନଙ୍କ ସାକାରାତ୍ମକ ପଦକ୍ଷେପ ଓବିସିମାନଙ୍କୁ ନିଶ୍ଚୟ ପ୍ରଭାବିତ କରିବ । ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟରେ ଯିଏ ଓବିସିଙ୍କୁ ଯେତେ ଅଧିକ ମାତ୍ରାରେ ପ୍ରଭାବିତ କରିପାରିବ, ସେହିଁ ପିନ୍ଧିବ ବିଜୟର ମୁକୁଟ । ବିଜେଡି, ବିଜେପି, କଂଗ୍ରେସ କିମ୍ବା ଆଉ କିଏ ?

ଦର୍ଶନ ବିଭାଗ
(ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦

ପରୀକ୍ଷାଫଳର ଅନୁଚିନ୍ତା

ବୈଷ୍ଣବ ମେହେର

ଚଳିତ ମାସର ତୃତୀୟ ସପ୍ତାହରେ ଆମ ରାଜ୍ୟରେ ମାଟ୍ରୀକ ପରୀକ୍ଷାର ଫଳାଫଳ ପ୍ରକାଶ ପାଇବ ବୋଲି ଗଣଶିକ୍ଷା ବିଭାଗ ଘୋଷଣା କରିଛନ୍ତି । ଏହା ପରେ ପରେ ଯୁକ୍ତଦୁଇ ଫଳାଫଳ ମଧ୍ୟ ବାହାରିବ । ପରୀକ୍ଷା ହୋଇଛି, ଫଳାଫଳ ବାହାରିବ ଏଥିରେ ନୂଆ କିଛି ନାହିଁ । କଥା ହେଲା ନିକଟରେ ଅହମଦାବାଦର ସିଇପିଟି ବିଶ୍ୱବିଦ୍ୟାଳୟର ଜଣେ ଆର୍କିଟେକ୍ଟର ଛାତ୍ର ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ସୁଇସାଇଡ଼ ନୋଟରେ ଆତ୍ମହତ୍ୟାର କାରଣ ଭାବରେ ବାପାମାଆଙ୍କ ଆଶାନୁରୂପ ଲକ୍ଷ୍ୟପଥରେ ସଫଳ ହୋଇ ପାରି ନଥିବାକୁ ଦର୍ଶାଇବା ଚିନ୍ତାର ବିଷୟ । ଅବଶ୍ୟ ଗତ କିଛି ବର୍ଷକୁ ଅନୁଧ୍ୟାନ କଲେ ଏଭଳି କାରଣ ପାଇଁ ପିଲାଙ୍କ ଆତ୍ମହତ୍ୟା କରିବା ସାଧାରଣ କଥା ହେଲାଣି । କିନ୍ତୁ ଗତ ମାସର ଶେଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ବାହାରିବାର ପର ଦୁଇଦିନରେ ଆଂଦ୍ରପ୍ରଦେଶର ଦଶ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା ଓ ଅନ୍ୟ କିଛି ଜଣ ଆତ୍ମହତ୍ୟା ଉଦ୍ୟମ କରିବା ଯେତିକି ଦୁଃଖଦାୟକ ସେତିକି ବଡ଼ ପ୍ରଶ୍ନବାଚୀ ମଧ୍ୟ । ଏପରିସ୍ଥଳେ ଆଂଦ୍ରର ଏହି ଅଭାବନୀୟ ଘଟଣା ଅନେକଙ୍କ ମନକୁ ବିଚଳିତ କରିବା ସ୍ୱଭାବିକ । ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ଆଣ୍ଡ ଆକ୍ସିଡ଼େଣ୍ଟ ଡେଥ୍ ଆଣ୍ଡ ସୁଇସାଇଡ଼ ଇନ୍ ଇଣ୍ଡିଆର ଗତ ବର୍ଷର ରିପୋର୍ଟ ଅନୁଯାୟୀ ୨୦୧୭ ରୁ ୨୦୨୧ ମଧ୍ୟରେ ଭାରତରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ୫୬ ହଜାର ୧୩ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ଏହି ସମସ୍ତ ଆତ୍ମହତ୍ୟାର ମୁଖ୍ୟ କାରଣ ଭାବରେ ପାଠପଢ଼ା ଚାପ ଓ ଆଶାନୁରୂପ ଲକ୍ଷ୍ୟ ହାସଲରେ ବିଫଳତା ହିଁ ମୁଖ୍ୟତଃ ଦାୟୀ ବୋଲି ବିଶେଷଜ୍ଞଙ୍କ ମତ । ଏକତଥ୍ୟ ଅନୁସାରେ ବିଭିନ୍ନ କାରଣ ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଆଠ ଲକ୍ଷ ଲୋକ ଆତ୍ମହତ୍ୟା କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଏକ ଲକ୍ଷ କେବଳ ଭାରତର । ଭାରତର ଏକ ଲକ୍ଷ ଆତ୍ମହତ୍ୟାକାରୀଙ୍କ ମଧ୍ୟରୁ ତେର ହଜାର ସେହି ଛାତ୍ରଛାତ୍ରୀ ଥାନ୍ତି ଯେଉଁ ମାନଙ୍କ କାନ୍ଧରେ ଆମ ଦେଶର ଭବିଷ୍ୟତ ନିର୍ଭରର ପ୍ରତ୍ୟାଶା ରୁହେ । ନିଜର ପିଲାର ପ୍ରତିଭା, ଦକ୍ଷତା ଓ ରୁଚିକୁ ଅଣଦେଖା କରି ପିତାମାତା ମାନେ ନିଜର ଉଦ୍ଦେଶ୍ୟ ପୂରଣ ନିମନ୍ତେ ଅଯଥା ଚାପ ପ୍ରୟୋଗର ପରିଣତି ଯେ କେତେ ଭୟାନକ ହୋଇ ପାରେ ତା'ର ବିଚାର କରିବା କଥା । ଆବଶ୍ୟକତା ଠାରୁ ଅଧିକ ଆଶା ରଖୁଥିବା ପିତାମାତାଙ୍କ ଉଦ୍ଦେଶ୍ୟ ପାଠପଢ଼ା ଠାରୁ ଆରମ୍ଭ କରି ଚାକିରି ଯାଏଁ ତାଙ୍କ ପିଲା ହିଁ ଶୀର୍

ଚମ୍ପାବତୀ ଉପାଖ୍ୟାନ

ଜୟଶ୍ରୀ ପଟ୍ଟନାୟକ

ସକାଳୁ ସକାଳୁ ମାଲିକ ଘର ଆଗରେ ଭିଡ ଦେଖି ମୁଁ ଟିକେ ଭୟଭୀତ ହୋଇପଡିଲି । ଯେତେବେଳେ ଘଟଣା କଣ ଘଟିଛି ତାହା ବୁଝିବାକୁ ଗଲି ଜଣାପଡିଲା ଯେ ଚମ୍ପାବତୀ ନାମକ ଯେଉଁ ଭଦ୍ରମହିଳା ଜଣକ ପ୍ରତିଦିନ କାଳି ଅନ୍ଧାରରୁ ଉଠି ମାଲିକ ଘର ଗଛରୁ ଫୁଲ ତୋରାଏ ସେ ଆଜି ନାଳ ଉପରେ ପଡିଥିବା ସ୍ଲାବ ଖଣ୍ଡେ ଭାଙ୍ଗିଯିବାରୁ ନାଳରେ ଗଳିପଡିଛି । ଅଂଟାରୁ ଗୋଡ ନାଳ ଭିତରେ ଆଉ ଅଂଟାରୁ ମୁଣ୍ଡ ନାଳ ଉପରେ । ଓଜନ ଆନୁମାନିକ ଅଶୀ ସରିକି ହେବ । ତାକୁ ପୁଣି ନାଳରୁ କିଏ ଉଠାଇବ ଲୋ ମା । ନାଳକୁ ଲାଗି ପିଚୁରାସ୍ତାଟିଏ ଅଜଗର ପରି ଲମ୍ବିଯାଇଛି । ରାତିଦିନ ଗାଡି ମଟର ଓ ଆମ୍ବୁଲାନ୍ସ ଶବ୍ଦରେ କାନ ଅତଡା ଫାଟିଯାଉଛି । ଖୁବ୍ ଚଳଚଂଚଳ ହୋଇପଡେ ରାଜଧାନୀ ପାହାଁ ପ୍ରହରୁ । କେତେବେଳେ ରାସ୍ତା ସଫା କରି ଚାଲି ଯାଉଥାଏ ଯନ୍ତ୍ର ମଟର ତ , କେତେବେଳେ ବି.ଏମ୍.ସି ସଫେଇବାଲା ଗାଡି- ମୁଁ ସଫେଇବାଲା ଗୀତ ବଜାଇ ଆଉ କେତେବେଳେ ସଫେଇ କର୍ମଚାରୀ ଝାଡୁ ଲଗାଉଥାଁ ଗଳି ଗଳିରେ ପଶି ରାଜଧାନୀକୁ ଅଳିଆ ମୁକ୍ତ ସହର କରିବାପାଇଁ । ଏହି ସମୟରେ ଚମ୍ପାବତୀଙ୍କ ଡାକ କାହା କାନରେ ପଡୁ ନ ଥାଏ । ନାଳ ଭିତରେ ପଡି ଯାଇଥିବାରୁ ନାଳର ଗଙ୍ଗା ପାଣିରେ ଗୋଡ ଦୁଇଟି ଓଦା ହୋଇ ଥରୁଥାଏ । ସବୁ ହେଲା ଯେ ତାକୁ ନାଳରୁ ଉଠାଇବ କିଏ ସେ ନେଇ ବିଚାର ବିମର୍ଷ ଚାଲିଲା । ଏହି ସମୟରେ କାଉ କା ନ ବୋଲୁଣୁ କାମରେ ଆସି ଯୋଗ ଦେଇଥିବା ସଫେଇ କର୍ମଚାରୀ ତଥାକଥିତ ଢ଼ଙ୍ଗରେ ପହଁଚିଗଲେ ମାଲିକ ଘର ଆଗରେ । ଆରେ ସ୍ତ୍ରୀ ଲୋକଟି ନାଳରେ ପଡିଯାଇଛି ବୋଧେ କହି ଡାକିଲା ସାଥି କର୍ମଚାରୀ ମାନଙ୍କୁ ଆସ ସମସ୍ତେ ମିଶାଇ ସ୍ତ୍ରୀ ଲୋକଟାକୁ ନାଳରୁ ଉଠାଇବା । ଦୁଇ ପଟ ଦୁଇ ଜଣ ଲେଖାଏଁ ଚାରିଜଣ ସଫେଇବାଲା ତା ବାହୁକୁ ଧରି ଉପରକୁ ଉଠେଇବାକୁ ଚେଷ୍ଟା କଲାବେଳକୁ ମହିଳା ଜଣକ କହିଲେ- ତୁମେ ମାନେ ମୋତେ ଛୁଇଁଲେ ମୋ ଦେହ ଅପବିତ୍ର ହେଇଯିବ । ଆରେ ଯେ କି କଥା ! ନାଳ ଭିତରେ ପଡିଥିବା ମଣିଷ କେମିତି ଜୀବନ ବଂଚାଇବ ସେ କଥା ସିନା ଚିଂ କରିବ ଯେ ଓଲଟି କହୁଛି ମୋତେ ଛୁଅଁନାହିଁ ମୋ ଦେହ ଅପବିତ୍ର ହେବ । ମୋତେ ଗଙ୍ଗାପାଣିରେ ଗାଧୋଇ ତୁଳସୀ ଖାଇବାକୁ ହେବ । ସେମାନେ ତ ସହଜେ ସଫେଇବାଲା ସେମାନେ କୋଉ କହିବା ଛାଡିଦେବେ ଯେ ? ସେମାନଙ୍କ ଭିତରୁ ଜଣେ କହିଲା ମାଉସୀ ଲୋ ! ତୁ ତ ନାଳ ଭିତରେ ପଶି ଅଧା ଓଦା ହେଲୁଣୁ । ପାଦ ଦୁଇଟି ନଳା ପାଣିରେ ବୁଡି ରହିଛି ପୁଣି ପବିତ୍ର ଅପବିତ୍ର କଥା କାହିଁ କି ତୁଣ୍ଡରେ ଧରୁଛୁ କହିଲୁ ? ଆଉ ଜଣେ କହିଲା ମାଉସୀଲୋ ! ତୋ ଦେହ ରକ୍ତ ଆଉ ମୋ ଦେହ ରକ୍ତ କଣ ଅଲଗା ? ତୃତୀୟ ଜଣକ କହିଲା ତୋ ଦେହ ତ ନଳା ପାଣିରେ ଗନ୍ଧଉଛି । ଚତୁର୍ଥ ଜଣକ କହିଲା ଏତେ ମୋଟୀ ହେଇଛୁ ତୋତେ ଉଠେଇବ କିଏ ନାଳରୁ ? ମୁଁ ଯଦି ଉଠେଇବି ତାହେଲେ କେତେ ଟଙ୍କା ମଦପାଣିକୁ ଦେବୁ ଆମକୁ କହିଲେ ଯାଇ ଉଠେଇବି । ନହେଲେ ସେମିତି ଛିଡା ହୋଇଥା । ତୋ ଘର ଲୋକ ଯେତେବେଳେ ତୋତେ ଖୋଜି ଖୋଜି ଆସିବେ ସେତେବେଳେ ଯାଇ ବାହାର କରିବେ ଆଉ ତୋତେ ଭଲ ପାଣିରେ ଗାଧୋଇଦେଇ ଅତର ଢ଼ାଳି ଘରକୁ ନେଇଯିବେ । ଏତିକି କହି ଚାରିଜଣ ଯାକ ସେ ଠାବରୁ ଚାଲିଗଲେ ସେମାନଙ୍କ କାମରେ ହାଜିରା ଦେବାଲାଗି । ଧୀରେ ଧୀରେ ରାସ୍ତାରେ ଯାଉଥିବା ଲୋକମାନଙ୍କ ନଜରରେ ପଡିଲା ଚମ୍ପାବତୀ । ହାତରେ ଥିବା ଫୁଲ ଜରିରେ ଟଗର ଆଉ ପର ବାଡିରୁ ଲଗି ଲଗେଇ ଆଣିଥିବା କନିଅର ଓ ମନ୍ଦାର ଫୁଲ ରହିଛି । ହାତର ଲଗି ବି ଟିକେ ଦୂରକୁ ଛିଟିକି ପଡିଛି । ପାଖରେ ପଡିଥିଲେ ହୁଏତ ତା ସାହାରାରେ ଉଠିପାରଂ। ନାଳରୁ । କିଛି ସମୟ ପରେ ପାଖରେ ଘର କାମରେ ବ୍ୟବହୃତ ହେଉଥିବା ନିଶୁଣିକୁ ଆଣି ନାଳରେ ଥୁଆହେଲା ଆଉ ମାଉସୀ ଜଣକ ଉପରକୁ ଉଠିଲେ ସିଡି ସାହାଯ୍ୟରେ ଉପରକୁ । ପାଖ ପାଇପରେ ଧୁଆ ଧୋଇ ହୋଇ ଫୁଲ ଜରିକୁ ସାଙ୍ଗରେ ନ ନେଇ ଅଳିଆ ଗଦାରେ ଫିଙ୍ଗିଦେଲା । ଘରେ ପହଁଚି ଯାହା ଘଟିଥିଲା ସେ ସମ୍ପର୍କରେ ଘରଲୋକଙ୍କୁ ଜଣାଇବା ପରେ ଘରଲୋକ ଆସି ସକାଳୁ ସକାଳୁ ମାଲିକ ଘର ଉପରେ ତୁମ୍ବିତୋଫାନ କଣ ନା, କି ଘର ତିଆରି କରିଛ ଯେ ନାଳ ଉପରେ ସ୍ଲାବ ଖଣ୍ଡେ ଭଲରେ ପକାଇ ପାରୁନାହଁ ? ମାଲିକ ମଉସା କହିଲେ ତୁମେ କି ଘର ବନେଇଛ ଯେ ଫୁଲଗଛ ପାଇଁ ଜାଗା ଖଣ୍ଡେ ନ ରଖି ୟା ବାଡିକୁ ତା ବାଡି କାଳି ଅନ୍ଧାରରେ ପଶି ସବୁ ଫୁଲ ଚୋରୀ କରିନେଉଛ । ଆସିଲ ବୋଲି ତ ନାଳରେ ପଡି ଖଣ୍ଡିଆ ଖାବରା ହେଲ ଆଉ ଫୁଲ ପ୍ରତିଦିନ ନେଉଛ ବୋଲି ଧରା ବି ପଡିଲ । ବଜାରରୁ ପରିବା ସଉଦା , ନଡିଆ କଦଳୀ ଆଣୁଛ ଆଉ ଫୁଲ ଟିକେ କିଣି ଆଣିବାକୁ କଣ ଠାକୁର ମନା କରିଛଁ ଆଉ କହିଛଁ ଯେ ପରବାଡିରୁ ଚୋରୀ କରି ଆଣି ପୂଜା କଲେ ମୁଁ ସଂ‘ଷ୍ଟ ହେବି ବୋଲି ? ଆମ ଘରେ ଗଛ ଥାଇ ଆମେ ବଜାରରୁ କିଣିକି ପୂଜା କରୁଛୁ । ଅଥଚ ତୁମେ ଆମ ଗଛରୁ ଫୁଲ ନେଇ ପୂଜା କରିବ । ବାଃ ରେ ବାଃ ଚୋରୀ ଉପର ସେ ସୀନା ଜୋରୀ । ଚୋରୀ କରିବ ପୁଣି କୁଆଡୁ ଆସି ଝଗଡା କରିବ ? କି ଓଲଟା ଜମାନା ହୋ । ରୁଣ୍ଟ ହୋଇଥିବା ଲୋକମାନେ ମାଲିକ ମଉସାଙ୍କ କଥାର ସପକ୍ଷ ନେଲାରୁ ଚମ୍ପାବତୀ ଘର ଲୋକେ ଯଃ ପଳାୟତି ସଃ ଜୀବତି ନ୍ୟାୟରେ ସେଠାରୁ ପଳାଇଲେ । କଥା ହେଉଛି ଏମିତି ଅନେକ ପୁରୁଷ ଓ ମହିଳା କାଳି ଅନ୍ଧାରରୁ ବାଡି ଖଣ୍ଡେ ଧରି ଚାଲିବା ବାହାନାରେ କାହା ବାଡିରୁ ନା କାହା ବାଡିରୁ ଫୁଲଚୋରୀ କରିବାରେ ଅଭ୍ୟସ୍ତ ହୋଇଗଲେଣି କାହାର ସୁନାହାର ଛିଣ୍ଡେଇ କିଏ ନେଲାଣି ତ କାହା ଘରେ ଚୋର ପଶିଲାଣି, କିଏ ଷ୍ଟ୍ରୀଟ କୁକୁରର ହାବୁଡରେ ପଡି ସଙ୍ଗରେ ଆଣିଥିବା ବାଡିରେ ହୁରୁଡାଇ ପ୍ରାଣ ବଂଚାଉଛଁ । ତଥାପି ଏ ଗୁଣ ଲାଗେ ତାଙ୍କର ପ୍ରକୃତିଗତ ଗୁଣ । ଆଉ ଯେତେବେଳେ ଦୁର୍ଘଟଣା ଘଟୁଛି ସେତେବେଳେ ରାସ୍ତାର ଦୋଷ, ସୁନା ଚୋରୀ ହେଲେ ପୋଲିସର ଦୋଷ ଏମିତି ଏମିତି କେତେ କଥା ବାହାରେ । ବାସ୍ତବରେ ଆମେ ଆମ ଗୁଣକୁ କେତେ ସଜାଡୁଛେ ? ବହୁତ ପଇସା ଦେଇ ଜାଗାକିଣି ଘର କରୁଛେ, ଆପାର୍ଟମେଂଟରେ ରହୁଛେ କିଁ ରହୁଥିବା ସ୍ଥାନର ଚାରିପଟେ ଇଂଚେ ବି ଜାଗା ରଖୁନାହୁଁ । ପର ଦୂଆରରୁ ଫୁଲଚୋରୀ କରିବା ଆମର ସାନପଣ ନୁହଁ ବରଂ ଘର ଚାରି ପାଖରେ ଫୁଲଗଛ ଲଗାଇବା ଓ ମାଟି ହାତ ହେବାକୁ ସାନପଣ ମଣୁଛୁ । ପ୍ରଚଣ୍ଡ ନିଦାଘରେ ଘରେ ଏସି ବା କୁଲର ତଳେ ଜୀବନ କାଟିବାକୁ ପସନ୍ଦ କରୁଛୁ ହେଲେ ଘର ଚାରିପାଖରେ ଗଛ ଲଗାଇ ଫୁଲ ସହିତ ପ୍ରାକୃତିକ ପରିବେଶରେ ପବନ ଖାଇ ଘଡିଏ ସକାଳ ଓ ସର ଶା‘ ପରିବେଶରେ ପରିବାର ସହିତ କଟେଇବା ପାଇଁ ଶ୍ରେୟ ମଣୁନାହୁଁ । ଗାଡି ରଖିବାକୁ ଗ୍ୟାରେଜ କରିବା ହେଲେ ଯେଉଁ ଦେବ ଦେବୀଙ୍କ ଉପରେ ଆମର ରହିଛି ବିଶ୍ୱାସ ଏବଂ ଯାହା କୃପାରେ ରାତିରେ ଶୋଇ ପ୍ରତିଦିନ ସକାଳକୁ ଭେଟୁଛେ, ଧନ୍ୟବାଦ ଜଣାଉଛୁ ଏଥିପାଇଁ ଠାକୁରଙ୍କୁ । ତାଙ୍କପାଇଁ ଇଂଚ ମାଟି ବି ନାହିଁ ଫୁଲଗଛଟିଏ ପୋତ । ଘରୁ ବାହାରୁଥିବା ପରିବା ଚୋପାକୁ ଜୈବିକ ଖତ କରି ପକାଇ, ପରିବେଶକୁ ସୁସ୍ଥ ରଖିବା କଥା ଚିଂ କରିବାକୁ । ଏସବୁ କଥା ହେଜିବା କେବେ ? ଏସବୁ କରିବା ଦ୍ୱାରା ଜଗତେ କେବଳ ଜନେ ହସିବେ । ସୁଧିଜନେ ଯାହା ଭଲ ବୋଲି ବିଚାର କରୁଛଁ ସେଇୟା କର‘ୁ କାରଣ କଥାରେ ଅଛି ପରା ଘୁଷୁରି ପ୍ରକୃତି ପଙ୍କରେ ଲୋଟେ ମଣିଷ ପ୍ରକୃତି ମଲେ ତୁଟେ ।

ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

॥ ଭାଗ-୩ ॥

କିନ୍ତୁ, କାହିଁ ସେଠି ତାଙ୍କ ପ୍ରଶ୍ନର ଉତ୍ତର ? ଯେତେ ପ୍ରଶ୍ନ ସବୁ କେବଳ ପ୍ରଶ୍ନ ହୋଇ ନିଜ ନିକଟ କୁ ଫେରି ଆସୁଛି ।ଆର୍ଯ୍ୟ ଋଷି, ବେଦ ପ୍ରଣେତା ମାନଙ୍କ ଅନ୍ତରାତ୍ମା ଦ୍ୱାରା ସୃଷ୍ଟ ,ବିଶ୍ୱ ବ୍ରହ୍ମାଣ୍ଡର ସେହି ଆଦି ସ୍ରଷ୍ଟା, ପରଂବ୍ରହ୍ମଙ୍କ ସହ ସଂଯୁକ୍ତ ପ୍ରଜାପତି ବ୍ରହ୍ମା, କେବଳ ନିଜକୁ ପ୍ରଶ୍ନକରିବାରେ ଲାଗିଲେ ।

‘ଯେଉଁ ଅନନ୍ତ ଆକାଶର ଚକ୍ର ବଳୟ ସ୍ୱର୍ଶି ମୋର ଅଷ୍ଟ ଚକ୍ଷୁ ବାରମ୍ବାର ଫେରିଆସୁଛି, ଯଦି ତାହାର ଆଦି ଓ ଅନ୍ତ ଅଛି , ତାହାପରେ କ’ଣ ଅଛି ? ଯଦି ନାହିଁ, ତାହାମଧ୍ୟ କିପରି ? ଏହି ଅନନ୍ତ ଅଙ୍କରେ ପ୍ରକାଶିତ ଏହି ଜ୍ୟୋତିଷ୍କ ମାନେ କେଉଁଠାରୁ ଆସିଲେ ? ସେମାନଙ୍କ ମଧ୍ୟରେ କି ରହସ୍ୟ ପୂର୍ଣ୍ଣହୋଇ ରହିଛି ? ଏହି ପୃଥିବୀ କୁ କିଏ ସୃଷ୍ଟି କଲା ? ‘ମାତାର ମାତା ହୋଇ ସେହି ସ୍ୱପ୍ରଥମ ମାତା କିଏ ?

ପ୍ରଥମେ ଶିଶୁ ନାଁ ପ୍ରଥମେ ମା ? ପ୍ରଥମେ ବୀଜ ନା ପ୍ରଥମେ ବୃକ୍ଷ ? କିମ୍ବା ଦୁଇଜଣନାରୀ, ପୁରୁଷ ଏକାବେଳେ ସୃଷ୍ଟି ହେଲେ ଓ ମା ଗର୍ଭରେ ଶିଶୁର ସଂଚାର ହେଲା ? କେଉଁ ଉଦ୍ଦେଶ୍ୟ ରେ ସୃଷ୍ଟିକର୍ତ୍ତା ଏସବୁ ସର୍ଜନା କଲେ ? ମୁଁ କିପରି ଜାଣିବି ଏବେ ମୋର କର୍ତ୍ତବ୍ୟ କ’ଣ ?

ବିଷ୍ଣୁଙ୍କର ସେହି ଅନନ୍ତ ହିରଣ୍ମୟ ଗର୍ଭରେ ଭ୍ରମି ଭ୍ରମି ସ୍ୱୟଂ ବ୍ରହ୍ମା ଅତ୍ୟନ୍ତ ଶ୍ରାନ୍ତ ଓ କ୍ଳାନ୍ତ ହୋଇ ପଡିଲେଣି । ସେ ଦେଖିଲେ ,ଏହି ଅନନ୍ତ ଗର୍ଭରେ ପ୍ରତ୍ୟେକ ସୃଷ୍ଟି କେବଳ କାଳର କରାଳ ଗ୍ରାସରେ ବିଲୀନ ହୋଇଯାଉଛି !! ଏହାହିଁତ ବେଦବ୍ୟାସଙ୍କର ଭାଗବତ ରଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସାତ ଦିନ ମଧ୍ୟରେ ତକ୍ଷକ ଦଂଶନ କରିବ ବୋଲି ଅଭିଶାପ ପାଇ ରାଜା ପରୀକ୍ଷିତ ମୃତ୍ୟୁ ପୂର୍ବରୁ ତାଙ୍କର କର୍ତ୍ତବ୍ୟ କ’ଣ ବୋଲି ଚିନ୍ତା କଲେ । ସେହିଠାରେ ହିଁ ଭାରତ ବର୍ଷର ମୁନି, ଋଷି ମାନେ ତାଙ୍କୁଭାଗବତ ଶୁଣାଇ ବୁଝାଇ ଦେଇଥିଲେ ଯେ, ପ୍ରତ୍ୟେକ ମାନବ ମୃତ୍ୟୁଶୀଳ । ପୃଥିବୀରେ ମନୁଷ୍ୟର ସୃଷ୍ଟି ହେବା ଦିନଠାରୁ ଅନେକ ବଂଶ ଓ ଗୋଷ୍ଠୀ ମାନ ଗଢି ଉଠିଛି ଓବଂଶାନୁକ୍ରମେ ସେମାନେ ଏହି ପୃଥିବୀକୁ ଭୋଗ କରି ଅଛନ୍ତି । ତାହା ମଧ୍ୟରେ କେତେ ଜନ୍ମ ଓ ମୃତ୍ୟୁ, କେତେ ଯୁଦ୍ଧ ଓ ଉତ୍ସବ, କେତେ ଜୟ ଓ ପରାଜୟ, କେତେ ଐଶ୍ୱର୍ଯ୍ୟ ଓବନବାସ, କେତେ ସୁଖ ଓ ଦୁଃଖ, କେତେ ଆନନ୍ଦ ଓ ବିଷାଦମଧ୍ୟଦେଇ ସେମାନଙ୍କ ଜୀବନଗତିଶୀଳ ହୋଇଅଛି । କେତେ ରାଜା, ମହାରାଜା, ସମ୍ରାଟ ଓ ଯୋଦ୍ଧା ମାନେ ନିଜ ନିଜର ବୈଭବ, ଶକ୍ତି, କ୍ଷମତାର ଗ୍ୱର୍ବରେ ଉନ୍ମତ୍ତ ହୋଇଛନ୍ତି । କିନ୍ତୁ ଶେଷ ରେ ସମସ୍ତେହିଁ ସେହିମୃତ୍ୟୁ କୁ ଚିରନ୍ତନ ସତ୍ୟ ରୂପରେ ମାନି ନେଇଛନ୍ତି । କେବଳ ସେମାନଙ୍କ କୀର୍ତ୍ତି ଓସଦ୍ ଗୁଣ ଗୁଡିକ ହିଁ ଲୋକମାନଙ୍କ ମଧ୍ୟରେ ଅମର ହୋଇ ରହିଯାଇଛି । ଧର୍ମର ଜୟ ଓ ପାପର କ୍ଷୟ ହୋଇଛି । ରାମ, କୃଷ୍ଣଙ୍କ ପରି ଅବତାରମାନେ ଯେତେବେଳେ ଜନ ମାନସରେ ଚିରସ୍ମରଣୀୟହୋଇ ରହିଛନ୍ତି, ଅନାମ, ଅଜ୍ଞାତ କୋଟି, କୋଟି ସୃଷ୍ଟିଧୂଳିକଣା ପରି ସତ୍ତାହୀନ ହୋଇ ଯାଇ ଅଛନ୍ତି । ମୃତ୍ୟୁର ଶହେ ବର୍ଷପରେ ମଧ୍ୟ ସେମାନଙ୍କର ସ୍ମୃତି ଲୋପ ହୋଇଯାଇଛି । ସେମାନେ କିମ୍ବା ସେମାନଙ୍କର ଶତ୍ରୁ, ଉଭୟଙ୍କର ପୁତ୍ର, ପୌତ୍ର କେହି ମଧ୍ୟ ଏ ପୃଥିବୀରେ ରହି ନାହାନ୍ତି । ସେମାନଙ୍କର ଘରଦ୍ୱାର, ଧନ ସମ୍ପତି ନିଶ୍ଚିହ୍ନ ହୋଇଯାଉଛି । ସେମାନଙ୍କ ଅଣ ଓ ପଣ ନାତି ,ନାତୁଣୀ ମାନେ ଆକବରଙ୍କ ସପ୍ତପୁରୁଷ, ନେପୋଲିୟନ, ଆଲେକଜାଣ୍ଡାର, ଚର୍ଚ୍ଚିଲ, କ୍ରମାଙ୍କରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମାନଙ୍କ ନାମକୁ ମନେରଖିଛନ୍ତି, ଅଥଚ ନିଜ ପ୍ରପିତାମହଙ୍କ ନାମ ସେମାନଙ୍କୁ ଆଦୌ ଜଣାନାହିଁ । ହାୟରେ ଏହି ମୃତ୍ୟୁ ଶୀଳ ମାନବ ଜୀବନ ର ପରିଣତି ! ତେଣୁ ସଂସାରରେ ଯେତେ ଦିନ ବଞ୍ଚିଥିବ, ଜୀବନରେ ଯେତିକି ମିଳିଛି , ସେତିକିରେ ସନ୍ତୁଷ୍ଟ ହୋଇ ଆନନ୍ଦରେ କାଳାତିପାତ କର । ଶେଷରେ ସେମାନେ ଏହା ମଧ୍ୟ କହି ଅଛନ୍ତି ଯେ, ଦେହ ମରଣ ଶୀଳ କିନ୍ତୁ ଆତ୍ମା ଅବିନାଶୀ ଅଟେ । ଏହା ଅଗ୍ନିରେ ଦହନ ହୁଏନାହିଁ, ଶସ୍ତ୍ରରେ ଛିଣ୍ଡେ ନାହିଁ ବା ଜଳରେ ନିମଗ୍ନ ହୁଏନାହିଁ । ମୃତ୍ୟୁ ଏକ ଶେଷ ନୁହେଁ । ତେଣୁ ଇହ ଜନ୍ମ ମଧ୍ୟରେ ମାନବ ପରଲୋକ ପ୍ରତି ସଚେତନ ରହି ନିଜ ଆତ୍ମାର ସଦ୍ଗତି ପାଇଁ ପ୍ରଯତ୍ନ କରିବା ଉଚିତ । (କ୍ରମଶଃ...)

+ବାଲିଝରି, କାନପୁର,ବଡ଼ମ୍ବା, କଟକ

ଗେହ୍ଲା ଆଳରେ ଉଚ୍ଛୃଙ୍ଖଳତା

ଶ୍ୱେତା ରାଉତ୍

ସମୟକ୍ରମେ ସବୁ ବଦଳିବାକୁ ଲାଗିଲାଣି ଏବଂ ଆଧୁନିକତାର ଆକର୍ଷଣରେ ଛନ୍ଦି ହୋଇ ମଣିଷର ବିଚାର ବି ବଦଳି ଗଲାଣି । ଯୁଗ ସହିତ ତାଳ ଦେଇ ଚାଲିବା ଖରାପ ନୁହେଁ କିନ୍ତୁ ଜୀବନର ଶାଶ୍ୱତ ଆବଶ୍ୟକତା, ଆତ୍ମୀୟତା, ମାନବିକତା, ଭାବପ୍ରବଣତା ନରହିଲେ ଜୀବନ ଦୁର୍ବିସହ ମନେହୁଏ ।ଜୀବନର ସୌନ୍ଦର୍ଯ୍ୟ ପାଇଁ ସମ୍ପର୍କର ନିବିଡତା ଜରୁରୀ, ହେଲେ ସମ୍ପର୍କ ଭିତରେ ସେ ନିବିଡତା ଦିଶୁନାହିଁ ।ଦିଶିବ ବା କେମିତି ! ଏବେ ଅଧିକାଂଶ ସ୍ଥାନରେ ଏକକ ପରିବାର, ଯେଉଁଠି ବାପା, ମା ଓ ପିଲା,ସେଥିମଧ୍ୟରୁ କେଉଁଠି ମାଆ ଛାଡ଼ପତ୍ର ଦେଲାଣି ତ ବାପା ମଦ ପିଇ ବାଡାବାଡି କଲାଣି । ଏଭଳି ପରିବାରରେ ପିଲାଟିଏ କଣ ଶିଖିବ ? ଯୁଗ ବା ଆଧୁନିକତା ଆଳରେ ଅର୍ଥ, ଆବାସ, ଆରାମ, ଆକାଂକ୍ଷା ସବୁ ମିଳିଯାଇପାରେ କିନ୍ତୁ ମୌଳିକ ମୂଲ୍ୟବୋଧ, ସଂସ୍କାର, ଆଦର, ଶ୍ରଦ୍ଧଭାବ କେଉଁ ବଜାରରୁ ମିଳିବ ? ଏସବୁ ପାଇଁ ଗୋଟେ ସୁସ୍ଥ ପରିବାର ଜରୁରୀ ।

ସୁସ୍ଥ, ସୁନ୍ଦର ପରିବାର ପାଇଁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିନମ୍ରତା, ସହଭାଗିତା, ସୁସମ୍ପର୍କ ଥିବା ଆବଶ୍ୟକ । ଯୌଥ ପରିବାରରେ ରହୁନଥିବାରୁ ପିଲାଟିଏ ସମ୍ପର୍କର ମୂଲ୍ୟ ବୁଝିପାରୁନାହିଁ । ଜେଜେ ମା, ଜେଜେ ବାପା, ଦାଦା, ଖୁଡି, ବଡ ମା, ବଡ ବାପା, ପିଉସୀ ନାନୀ ସମସ୍ତ ସମ୍ପର୍କଠୁ ଦୂରେଇଯିବା ଫଳରେ କେବଳ ମୋବାଇଲ୍ ସହିତ ଯାହା ସମ୍ପର୍କ ରହୁଛି । ଝିଅଟିଏ ବାପଘରେ ଏ ସଂପର୍କମାନଙ୍କ ଠାରୁ ଅନେକ ସଂସ୍କାର ଶିଖିଥାଏ । ବଡମାନଙ୍କ ପ୍ରତି ଭୟ, ସମ୍ମାନ ରହିବା ଫଳରେ ଶୃଙ୍ଖଳିତ ରହିଥାଏ ।ଏମାନଙ୍କୁ ଦେଖି ଦେଖି ପରିବାର ପ୍ରତି ଶ୍ରଦ୍ଧା, ଦାୟୀତ୍ୱ, ସେବା ସବୁକିଛି ବୁଝି ସାରିଥାଏ ଏବଂ ସେ ଯେତେବେଳେ ବୋହୂ ହୋଇ ଅନ୍ୟ ଏକ ପରିବାରକୁ ଯାଏ, ଠିକ୍ ନିଜ ପରିବାରରେ ଯାହା ଦେଖିଥାଏ, ଶିଖିଥାଏ ତାହାହିଁ ତାର ଗୃହସ୍ଥ ଜୀବନରେ କାମରେ ଆସେ । ଝିଅଟି ଭିତରେ ମମତାର ଭାବ ରହିଥାଏ, ବଡମାନଙ୍କ ପ୍ରତି ସମ୍ମାନ, ସାନମାନଙ୍କ ପ୍ରତି ସ୍ନେହ ରହିଥାଏ । ସହନଶୀଳତା ଭାବ ତାକୁ ନମ୍ର କରାଏ । କିନ୍ତୁ ଏକକ ପରିବାରରେ ରହୁଥିବା ଝିଅଟିଏ ଏସବୁରୁ ନିବୃତ୍ତ ରହିବା ଫଳରେ କେବଳ ବାହ୍ୟ ଚାକଚକ୍ୟତା ଓ ଆତ୍ମସ୍ୱାର୍ଥକୁ ଆବୋରିନିଏ । ପରିବାରର ଅତ୍ମୀୟତା କଣ ସେ ବୁଝିପାରେନାହିଁ । କେହି ସମ୍ପର୍କୀୟ ଆକଟ କରି ପଦେ କହିଦେଲେ ସେ ତାକୁ ଶତ୍ରୁ ଭବିନିଏ । ନିଜର ସ୍ୱାଧୀନତା, ଆୟାସୀ, ଅଭିଳାଷ ହିଁ ଜୀବନର ମୂଳ ତତ୍ତ୍ୱ ଭାବି ପିଲାଟି ଧୀରେ ଧୀରେ ଉଶୃଙ୍ଖଳତାକୁ ଆପଣେଇନିଏ ।

ମାଆମାନେ, ପିଲାମାନଙ୍କର ଏହି ଉଶୃଙ୍ଖଳ ଆଚରଣକୁ ପ୍ରୋତ୍ସାହନ ନଦେଇ ବରଂ ପିଲାଦିନରୁ ଆକଟ କରିବାର ଅଭ୍ୟାସ କଲେ ଓ ପରିବାର ସହିତ ଯୋଡି ରଖିଲେ ଆମ ପିଲାମାନେ କୁପଥଗାମୀ ହୁଅନ୍ତେ ନାହିଁ । ଗେହ୍ଲା କରିବା ଆଳରେ ପିଲାର ସଂସ୍କାର ଖରାପ କରିବା, ତା ଭିତରେ ଥିବା ପ୍ରାକୃତିକ ସକରାତ୍ମକ ଗୁଣଗୁଡ଼ିକୁ ମାରିଦେବା ଆଦୌ ଠିକ୍ ନୁହେଁ । ବାପା ମାଆ ପିଲାଙ୍କ ଉଶୃଙ୍ଖଳାକୁ ଗେହ୍ଲା ଆଳରେ ପ୍ରୋତ୍ସାହିତ କରିବା, ସ୍ୱାଧୀନତା ଦେବା, ଭୁଲକୁ ସପକ୍ଷ ନେବା ଫଳରେ ପିଲାମାନେ କାହାକୁ ଡରୁନାହାନ୍ତି କି ଖାତିର କରୁନାହାନ୍ତି ।ସେମାନଙ୍କ ବୋଧଜ୍ଞାନ ହ୍ରାସ ପାଉଛି ।

ସମ୍ପର୍କର ରଙ୍ଗ

କୌଣସି ଖରାପ କାମରେ ଲଜ୍ଜା ରହୁନାହିଁ କି ସମ୍ମାନ ହାନି ହେବାର ଭୟ ରହୁନାହିଁ । ଅୟସ କରିବା, ସୌଖିନ ଜୀବନ ବିତାଇବାକୁ ସେମାନେ ସୁଖଦ ଜୀବନ ଭାବି ନେଉଛନ୍ତି । ଜୀବନରେ ଯେତେ ସମ୍ପତ୍ତି ଥାଉ, ସୌଖିନ ବସ୍ତୁ ଥାଉ, ଗାଡ଼ି ବଙ୍ଗଳା ଥାଉ, ମନରେ ଶାନ୍ତି ନଥିଲେ ସବୁ ବିଷ ମନେହୁଏ । ଶରୀର ଅସୁସ୍ଥ ରହିଲେ ଜୀବନ ଦୁର୍ବିସହ ମନେହୁଏ । କୋଟି କୋଟି ସମ୍ପତ୍ତିର ମାଲିକ ଷ୍ଟ୍ରେଚରରେ ବୁହା ହୋଇ ମେଡିକାଲରେ ପଡେ । ଅନ୍ୟକୁ ନିଜା ଦେଖାଇ ଦାମୀ ଗାଡ଼ିରେ ବୁଲୁଥିବା ମଣିଷ ଛଅ ଖଣ୍ଡ କାଠ ଆଉ ଅନ୍ୟର ଚାରି କାନ୍ଧ ଅଶ୍ରାରେ ଶେଷ ଯାତ୍ରା କରେ ।ଜୀବନରେ ଯେତେ ଅର୍ଜନ କରିଥାଏ, କିଛି ହେଲେ ନେଇ ପାରେନାହିଁ,କେବଳ କର୍ମ ସାଥିରେ ଯାଏ । ଏହା ହିଁ ବାସ୍ତବତା । ପିଲାମାନଙ୍କୁ ପରିବାର ସହିତ ଯୋଡ଼ି ରଖି ଜୀବନର ବାସ୍ତବତାକୁ, ଜୀବନଦର୍ଶନକୁ ବୁଝାଇବାକୁ ପଡ଼ିବ । ଏ ଦାୟୀତ୍ୱ ଆମମାନଙ୍କର । ଗେହ୍ଲା ଆଳରେ ଉଶୃଙ୍ଖଳାକୁ ପ୍

କଣ୍ଟାପଡା ଓ ବଟେଶ୍ୱର ପାଣି ପ୍ରକଳ୍ପ ନିର୍ମାଣରେ ଅନିୟମିତତା

ଖଇରା, ୧୦/୦୫ (ନି.ପ୍ର): ଖଇରା ବ୍ଲକ ର କଣ୍ଟାପଡା ଓ ବଟେଶ୍ୱର ଠାରେ ୨ଟି ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏହା ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଉପଭୋକ୍ତା ମାନେ ଅଭିଯୋଗ କରିଛନ୍ତି। ଠିକାଦାରଙ୍କ ଏହି କାର୍ଯ୍ୟର ସ୍ଥାୟିତ୍ୱ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ତୁରନ୍ତ ଉକ୍ତ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କଣ୍ଟାପଡା,ବଟେଶ୍ୱର,ନାହୁଲ ଇତ୍ୟାଦି ଗ୍ରାମର ଅଧିବାସୀ ମାନେ ଦାବୀ କରିଛନ୍ତି । କଣ୍ଟାପଡା ସମସ୍ତ ପରିବାରକୁ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ୩୦ହଜାର ଲିଟର ପାଣିଟାଙ୍କି ଥିବା ଏକ ପ୍ରକଳ୍ପ ର ନିର୍ମାଣକାର୍ଯ୍ୟ ଚାଲିଥିବା ବେଳେ କଣ୍ଟାପଡା ସଂଲଗ୍ନ ବଟେଶ୍ୱର ଠାରେ ୪୦ହଜାର ଲିଟର ବିଶିଷ୍ଟ ପାଣିଟାଙ୍କି ଥିବା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଯେଉଁ ପ୍ରକଳ୍ପରୁ ୩ଶହରୁ ଉର୍ଦ୍ଧ୍ୱ ପରିବାରକୁ ଜଳ ସଂଯୋଗ ଦେବାର ବ୍ୟବସ୍ଥା କରାଯାଇଛି। ହେଲେ ଠିକାଦାର କାମ ଏଷ୍ଟିମେଟ ଅନୁଯାୟୀ କରୁନଥିବାରୁ ପ୍ରକଳ୍ପ ଅଳ୍ପ ଦିନରେ ଭାଙ୍ଗି ପଡିବାର ଭୟ ଦେଖାଦେଇଛି । ସେପଟେ ହରଘର ଜଳ ଯୋଜନାରେ ସମସ୍ତ ପରିବାରକୁ ସଂଯୋଗ ପ୍ରଦାନ କରାଯିବାକୁ ନିର୍ଦ୍ଦେଶନାମା ଥିବା ବେଳେ ବଟେଶ୍ୱର ଠାରେ ଅରେକ ପରିବାରକୁ ଏଥିରୁ ବଞ୍ଚିତ କରାଯାଇଥିବା ନେଇ ଉକ୍ତ ଗ୍ରାମର ସ୍ୱପ୍ନାନ୍ତ ଦାସ ଅଭିଯୋଗ କରିଛନ୍ତି । ଏହାଛଡା ପାଇପର ମାନ ଠିକ ନଥିବା ନେଇ କୁହାଯାଉଛି । ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ସମିର ଦେଙ୍କୁ ଯୋଗାଯୋଗ କରିବାରେ ସେ ସହକାରୀ ଯନ୍ତ୍ରୀଙ୍କୁ ପଠାଇ ଏହାର ତଦନ୍ତ କରିବେ ବୋଲି କହିଛନ୍ତି ।

ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ଭୁବନ, ୧୦/୦୫ (ନି.ପ୍ର): ଭୁବନ ଏନ୍ ଏ ସି ଅନ୍ତର୍ଗତ ୧୪ ନମ୍ବର୍ ୱାର୍ଡ ବଡେଇ ସାହି ର ବିଶିଷ୍ଟ ଧର୍ମ ପରାୟଣ ବ୍ୟକ୍ତି ଧେଡି ବିହାରୀଙ୍କର ଆଜି ଭୋର୍ ୪.୩୦ ମିନିଟ ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ଗତ କିଛି ଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥାଇ ଶଯ୍ୟାଶାୟୀ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ଏକମାତ୍ର ପୁତ୍ରଙ୍କ ସମେତ ପୁତ୍ର ବଧୂ,୫ ଜଣ ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଶ୍ରୀ ବିହାରୀଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଂଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଓ ଶବଯାତ୍ରାରେ ସାମିଲ ହୋଇ ହିଙ୍ଗୁଳା ମନ୍ଦିର ନିକଟସ୍ଥ ତାଙ୍କ ବଗିଚାକୁ ଯାଇଥିଲେ। ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକ ମାତ୍ର ପୁତ୍ର ନବ କିଶୋର ବିହାରୀ ମୁଖଅଗ୍ନି ଦେଇଥିଲେ। ସ୍ୱର୍ଗତ ଧେଡି ବିହାରୀ ଏକାଧାରରେ ଜଣେ ଧର୍ମ ପରାୟଣ, ପରୋପକାରୀ, ସ୍ନେହୀ, ଦୟାଳୁ, ମେଳାପି ବ୍ୟକ୍ତି ହୋଇଥିବାରୁ ସ୍ଥାନୀୟ ଅଂଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

ନିର୍ମଳ ଜଙ୍ଗଲ ସଂରକ୍ଷଣ ରାନିସିଲେଟ୍ ସଫଳ ବନ ସଂରକ୍ଷଣ ପ୍ରୟାସ

ବଲାଙ୍ଗିର, ୧୦/୦୫ (ନି.ପ୍ର): ମୁରିବାହାଲ ଜଙ୍ଗଲ ପରିସର ଅନ୍ତର୍ଗତ ବାରବନ୍ଧ ଭିଏସଏସର ଏକ ନିର୍ମଳ ଜଙ୍ଗଲ ସଂରକ୍ଷଣ ରାନିସିଲେଟ୍ ସଫଳ ସଂରକ୍ଷଣ ପ୍ରୟାସ ଏବଂ ସମ୍ପ୍ରଦାୟର ଯୋଗଦାନର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ) ଅଧୀନରେ ମୃତିକା କ୍ଷୟ, ବନ୍ୟଜନ୍ତୁ ସୁରକ୍ଷା, ଅନଧିକୃତ ପ୍ରବେଶକୁ ରୋକିବା, ଜଙ୍ଗଲ ଅଗ୍ନି ନିରାକରଣ ଏବଂ ଘଂଚ ଜଙ୍ଗଲ ଅଂଚଳରେ ଗୋରୁ ଚରାଇବା ରୋକିବା ଭଳି ସମସ୍ୟାର ସମାଧାନ ପାଇଁ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି। ରାନିସିଲେଟରେ ଏକ ମହତ୍ୱପୂର୍ଣ୍ଣ ସଫଳତା ହେଉଛି ସୀମା ଖାଲ ଏବଂ ଫାୟାରଲାଇନ୍ କାର୍ଯ୍ୟର କାର୍ଯ୍ୟକାରିତା, ଯାହା ଜଙ୍ଗଲ ଏବଂ ଏହାର ବାସିନ୍ଦାଙ୍କ ସୁରକ୍ଷା ପାଇଁ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଛି। ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ଏହି ପଦକ୍ଷେପଗୁଡିକ ଯତ୍ନର ସହିତ କରାଯାଇଛି। ଆମେ ଘୋଷଣା କରିବାକୁ ଗର୍ବିତ ଯେ, ଏହି ସମ୍ମାନଜନକ ଦଳ ଦ୍ୱାରା ସମ୍ପ୍ରତି ପରିଦର୍ଶନ କରି ରାନିସିଲେଟରେ ଉଲ୍ଲେଖନୀୟ ଉଦ୍ୟମ ପାଇଁ ଉଚ୍ଚ ପ୍ରଶଂସା କରାଯାଇଥିଲା। ଏଠାରେ କାର୍ଯ୍ୟ ଏବଂ ହସ୍ତକ୍ଷେପ ସମଗ୍ର ଜିଲ୍ଲାର ଶ୍ରେଷ୍ଠ ମାନ୍ୟତା ପାଇଛି। ଏହି ସ୍ୱୀକୃତି କେବଳ ଆମର ପ୍ରାକୃତିକ ଐତିହ୍ୟର ସଂରକ୍ଷଣର ଗୁରୁତ୍ୱକୁ ଆଲୋକିତ କରେ ନାହିଁ ବରଂ ଜଙ୍ଗଲ ନିବାସୀ ଏବଂ ଭୂମିହୀନ ଶ୍ରମିକମାନଙ୍କ ପାଇଁ ସୃଷ୍ଟି ହୋଇଥିବା ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗକୁ ମଧ୍ୟ ସ୍ୱୀକାର କରେ। ସ୍ଥାନୀୟ ସମ୍ପ୍ରଦାୟକୁ ନିୟୋଜିତ କରି ଏବଂ ସ୍ଥାୟୀ ଜୀବିକା ସୁଯୋଗ ଯୋଗାଇ ଏହି ପ୍ରକଳ୍ପ କେବଳ ଇକୋସିଷ୍ଟମ୍ ସଂରକ୍ଷଣ କରିନାହିଁ ବରଂ ସେମାନଙ୍କ କଲ୍ୟାଣ ପାଇଁ ଏହି ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବନକୁ ମଧ୍ୟ ଉନ୍ନତ କରିଛି। ଏମଜିଏନଆରଇଜିଏସ ମାଧ୍ୟମରେ ଆମେ ପରିବେଶ ସଂରକ୍ଷଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶରେ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ପଦକ୍ଷେପ ଗୁଡ଼ିକର ଶକ୍ତି ଦେଖିଛୁ। ଏହି ଉଲ୍ଲେଖନୀୟ ପ୍ରୟାସରେ ଜଡିତ ଭାରତ ସରକାର, ରାଜ୍ୟ ସରକାରୀ ଏଜେନ୍ସି, ଜିଲ୍ଲା କର୍ତ୍ତୃପକ୍ଷ ଏବଂ ସମଗ୍ର ଦଳକୁ ଆମେ ହୃଦୟରୁ କୃତଜ୍ଞତା ଜଣାଉଛୁ। ଭବିଷ୍ୟତର ସଂରକ୍ଷଣ ପ୍ରୟାସ ପାଇଁ ସେମାନଙ୍କର ପ୍ରତିବଦ୍ଧତା ଏବଂ ନିଷ୍ଠା ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି।

ସମଲିଙ୍ଗୀ ବିବାହକୁ ବିରୋଧ କରି କେନ୍ଦ୍ରାପଡ଼ା ଆଇନଜୀବି ଓ ବୁଦ୍ଧିଜୀବିଙ୍କ ତରଫରୁ ରାଷ୍ଟ୍ରପତିଙ୍କୁ ହସ୍ତକ୍ଷେପ ପାଇଁ ଦାବି

କେନ୍ଦ୍ରାପଡ଼ା, ୧୦/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବହୁ ଆଇନଜୀବି ଓ ବୁଦ୍ଧିଜୀବିଙ୍କ ତରଫରୁ ସମଲିଙ୍ଗୀ ବିବାହକୁ ବିରୋଧ କରି ମହାମହିମ ରାଷ୍ଟ୍ରପତି ଏଥିରେ ହସ୍ତକ୍ଷେପ ଲରିବା ପାଇଁ ନିବେଦନ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦେଶର ସର୍ବୋଚ୍ଚ ଉଚ୍ଚ ନ୍ୟାୟାଳୟରେ ସମଲିଙ୍ଗୀ ବିବାହକୁ ଆଇନ ସମ୍ମତ କରିବା ପାଇଁ ମାମଲା ଚାଲୁଥିବା ବେଳେ ସମଲିଙ୍ଗୀ ବିବାହକୁ ବିରୋଧ କରି କେନ୍ଦ୍ରାପଡା ଜିଲ୍ଲାର ଆଇନଜୀବି ଓ ବୁଦ୍ଧିଜୀବିମାନଙ୍କ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି । ସୁପ୍ରିମ କୋର୍ଟର ସମ୍ବିଧାନ ବେଂଚ୍‌ରେ ଗତ କିଛିଦିନ ହେବ ସମଲିଙ୍ଗୀ ବିବାହକୁ ଆଇନ ସମ୍ମତ କରିବା ବିଷୟ ନେଇ ଶୁଣାଣି ଜାରି ରହିଛି । ସମଲିଙ୍ଗୀ ବିବାହ ଭାରତୀୟ ପରମ୍ପରା ବିରୋଧୀ । ଏହା ପାଶ୍ଚାତ୍ୟ ସମାଜର ଏକ ସାମାଜିକ ବ୍ୟାଧି ବୋଲି କହିଛନ୍ତି। ଏହାକୁ ଆଇନ ସ୍ୱିକୃତୀ ଦେବା ବାବଦରେ ମାନ୍ୟବର ସୁପ୍ରିମ କୋର୍ଟ ବିଚାର ପରିସର ହେବା ଉଚିତ୍ ନୁହେଁ ବୋଲି ଉକ୍ତ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି । ଏହି ବିଷୟ ଆଇନ ପ୍ରଣୟନ କାରୀ ପାଲ୍ୟାମେଂଟରେ ଅନ୍ତର୍ଭୁକ୍ତ । ମାନ୍ୟବର ସୁପ୍ରିମ କୋର୍ଟ କୌଣସି ରାୟ ଶୁଣାଇବା ପୂର୍ବରୁ ମହାମହିମ ରାଷ୍ଟ୍ରପତି ହସ୍ତକ୍ଷେପ କରନ୍ତୁ ବୋଲି ଏହି ଦାବିପତ୍ର ପ୍ରଦାନ କରାଯାଇଛି । ବ୍ଲାକ ସାଇନ ଅଭିଯାନର ଚତୁର୍ଥ ସଂସ୍କରଣ ପୃଷ୍ଠା ୧୧୨୩ ରେ ବିବାହର ସଂଜ୍ଞା ନିରୁପଣ କରାଯିବା ସହ ଏହାର ସାମାଜିକ ସ୍ଥିତି, ଦାୟିତ୍ୱବୋଧ, ସଂପର୍କ ଓ ସର୍ତ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଏହା ସହ ପବିତ୍ର ବେଦ, କୋରାନ ଓ ବାଇବେଲ ପ୍ରଭୃତି ସର୍ବମାନ୍ୟ ଧର୍ମ ଶାସ୍ତ୍ରରେ ବିବାହର ପବିତ୍ରତା ସଂପର୍କରେ ବର୍ଣ୍ଣନା କରାଯିବା ସହ ଜଣେ ମହିଳାକୁ ବିବାହ କରିବା ପାଇଁ ମଣିଷ ପରିପୂର୍ଣ୍ଣ ମାନବ ରେ ପରିପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଇଛି । ବରିଷ୍ଠ ଆଇନଜୀବି ସଂଜୟ କୁମାର ପତ୍ରୀଙ୍କ ନେତୃତ୍ୱରେ ସାରଦା ପ୍ରସନ୍ନ ନାୟକ, ସମର କେଶରୀ ମହାପାତ୍ର, ବିରଂଚି ନାରାୟଣ ପଟ୍ଟନାୟକ, ଦିଲିପ ମହାନ୍ତି, ଗଗନ ବିହାରୀ ଖଟୁଆଙ୍କ ସମେତ ଆଇନଜୀବି ଓ ବୁଦ୍ଧିଜୀବି ମାନେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

ଅଗ୍ନି ବିପନ୍ନଙ୍କୁ ସହଯୋଗର ହାତ ବଢାଇଲେ ବିଧାୟକ

ଖଇରା, ୧୦/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ବଡନୁଆଗାଁ ଗ୍ରାମ ପଞ୍ଚାୟତ ଅଧୀନ ଗେଣ୍ଡୁଟିଆ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଅନାମ ଚରଣ ଜେନା ସର୍ବସ୍ୱାନ୍ତ ହୋଇ ପଡିଥିବା ବେଳେ ଖବର ପାଇଁ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୋମବାର ବିପନ୍ନଙ୍କୁ ଭେଟି ସହଯୋଗର ହାତ ବଢାଇଛନ୍ତି । ତାଙ୍କୁ କିଭଳି ସରକାରୀ ସହାୟତା ମିଳିପାରିବ ସେଥିଲାଗି ଅଧିକାରୀ ମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ରବିବାର ବିଳମ୍ବିତ ଆକସ୍ମିକ ଅଗ୍ନିକାଣ୍ଡ ଘଟିବା ଅଗ୍ନିଶମ ବିଭାଗ ବହୁ ବିଳମ୍ବରେ ପହଞ୍ଚିବା ଯୋଗୁଁ ଅନାମଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇ ଯାଇଛି ।

୯ ଦଫା ଦାବି ନେଇ ଉପଖଣ୍ଡ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଠିକା ବିଦ୍ୟୁତ କର୍ମଚାରୀଙ୍କ କଳା ବ୍ୟାଚ୍ ପରିଧାନ କରି ପ୍ରତିବାଦ

ଗଞ୍ଜାମ, ୧୦/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା କୋଦଳା ଉପଖଣ୍ଡ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିକୁ ନେଇ ଠିକା ବିଦ୍ୟୁତ କର୍ମଚାରୀ ମାନେ ଆଜି କଳା ବ୍ୟାଚ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ଦୀର୍ଘ ୧୫ ବର୍ଷ ଧରି ବିଦ୍ୟୁତ ବିଭାଗରେ କାମ କରି ଆସୁଥିଲେ ସୁଦ୍ଧା ଏଯାଏଁ ସ୍ଥାୟୀ ନିଯୁକ୍ତି ଦିଆଯାଇନଥିବାରୁ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ସରକାରଙ୍କ ପାଖରେ ବହୁବାର ଦାବି ଉପସ୍ଥାପନ କରି ଆସୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ବାହାରିପାରି ନାହିଁ। ବିଦ୍ୟୁତ ବିଭାଗରେ ଖାଲିପଡିଥିବା ପଦବିଗୁଡିକ ଯୋଗ୍ୟତା ଭିତିରେ ପୂରଣ କରିବା, ଠିକା କର୍ମଚାରୀଙ୍କୁ ନିୟମିତ କରିବା ସହିତ ମାସିକ ବେତନ ବୃଦ୍ଧି କରିବା, ୨୦୨୨ ମସିହାରେ ବ୍ରହ୍ମପୁର ଟାଟା କର୍ପୋରେଟର କାର୍ଯ୍ୟାଳୟ ସମ୍ମୁଖରେ ଚାକିରୀ ନିୟମିତ ପାଇଁ ଦୀର୍ଘ ୩୧୮ ଦିନ ଧାରଣାରେ ବସିଥିବା ବେଳେ ଟାଟା କର୍ତ୍ତୃପକ୍ଷ ସମାଧାନର ବାଟ ବାହାର କରିଥିଲେ। ପରବର୍ତୀ ସମୟରେ ଏନେଇ ନିଯୁକ୍ତି ପାଇଁ ପରୀକ୍ଷା ମଧ୍ୟ ହୋଇଥିଲା, କିନ୍ତୁ ଦୀର୍ଘ ୯୦ ଦିନ ବିତିଯାଇଥିଲେ ମଧ୍ୟ ଏଯାବତ ପରୀକ୍ଷା ଫଳ ପ୍ରକାଶ କରାଗଲା ନାହିଁ। ଏହିଭଳି ୯ ଦଫା ଦାବି ନେଇ ଆଜିଠୁ କଳା ବ୍ୟାଚ୍ ପିନ୍ଧି ପ୍ରତିବାଦ କରୁଛନ୍ତି ଆଉଟସୋର୍ସିଂ ଓ ନିୟମିତ କର୍ମଚାରୀ।

ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କନିଷ୍ଠ ଅଧ୍ୟାପକଙ୍କ ପାଂଚଦିନିଆ ତାଲିମ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଆୟୋଜିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ରାଜ୍ୟର ୧୯୩ ଜଣ କନିଷ୍ଠ ଅଧ୍ୟାପକଙ୍କ ୫ ଦିନିଆ ତାଲିମ ଶିବିର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଦ୍ୱାରା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି ।

ଶିବିରକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ଦାଶ କହିଲେ ଯେ ଏହି ଯୁଗାନ୍ତକାରୀ ପ୍ରୟାସରେ କାର୍ଯ୍ୟରତ ଧନ୍ଦାମୂଳକ ଶିକ୍ଷକମାନଙ୍କର ପ୍ରମୁଖ ଭୂମିକା ରହିଛି । ସେମାନଙ୍କର ଦକ୍ଷତା ବିକାଶ ହେଲେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ। ଜାତୀୟ ଶିକ୍ଷାନୀତିରେ ତଥା ରାଜ୍ୟ ସରକାର ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଯୁବ ଗୋଷ୍ଠୀଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରାଧାନ୍ୟ ଦେଉଛନ୍ତି। ଧନ୍ଦାମୂଳକ ଶିକ୍ଷକମାନେ ନିଜ ନିଜ ଅଞ୍ଚଳର ଚାହିଦା ଅନୁଯାୟୀ ଶିକ୍ଷାଦାନ ପାଇଁ ବିଷୟ ଚୟନ କରି ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ ।

କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଅଶ୍ୱଥି ଏସ ସମ୍ପ୍ରତି ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଧନ୍ଦାମୂଳକ ଶିକ୍ଷାପ୍ରତି ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ ହେବାଭଳି ବାତାବରଣ ଓ ଶିକ୍ଷାଦାନ ପାଇଁ ନିଜକୁ ପ୍ରସ୍ତୁତି ପାଇଁ ଶିକ୍ଷକମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ସେମାନଙ୍କର ବଳିଷ୍ଠ ମତାମତ ଆଗାମୀ ଦିନରେ ତାଲିମ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିପାରିବ ବୋଲି ସେ ମତ ରଖିଥିଲେ ।

ଆର.ଆଇ.ଇ ର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗରୱାଲ ଏହି ତାଲିମ ସୁପରିଚାଳନା ପାଇଁ ସମସ୍ତ ସୁବିଧା ଯୋଗାଇବା ସଂଗେ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ ।

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ଯୋଗଦେଇ ଧନ୍ଦାମୂଳକ ଶିକ୍ଷା ପୁନର୍ବିନ୍ୟାସ ଅନ୍ତର୍ଗତ ଯୋଜନା ବିଷୟରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର ଆୟାର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସଂଗେ ସଂଗେ ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାର ପୃଷ୍ଠଭୂମି, ପ୍ରସ୍ତାବିତ ରୂପରେଖ ଓ ଭୋପାଳଠାରେ ଏନସିଇଆରଟିର ଏକ ଶାଖା ଭାବେ ଅବସ୍ଥିତ ପଣ୍ଡିତ ସୁନ୍ଦରଲାଲ ଶର୍ମା ଧନ୍ଦାମୂଳକ କେନ୍ଦ୍ରୀୟ ପ୍ରତିଷ୍ଠାନର ତାଲିମଦାତା ମାନଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଆୟୋଜିତ ଏହି ୫ ଦିନିଆ ତାଲିମରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ ।

ଏହି ତାଲିମ ସମୟରେ ବିଭିନ୍ନ ପ୍ରସଙ୍ଗରେ ତାଲିମ ଦେବା ସହ ପ୍ରତ୍ୟହ ପ୍ରତ୍ୟୁଷରୁ ଯୋଗ ଶିକ୍ଷା, ୱାର୍ଲ୍ଡ ସ୍କିଲ ସେଂଟର, ସେଂଟ୍ରାଲ ଟୁଲ ରୁମ ଓ ତାଲିମ କେନ୍ଦ୍ର, ଚନ୍ଦକା ଆଦି କେତେକ କ୍ଷେତ୍ର ପରିଦର୍ଶନ କରି ପ୍ରତ୍ୟକ୍ଷ ଜ୍ଞାନକୌଶଳ ହାସଲ କରିବାର କାର୍ଯ୍ୟକ୍ରମ ରହିଛି।

ସମ୍ପ୍ରତି ରାଜ୍ୟରେ ଥିବା ଧନ୍ଦା ୨୩୧ ଗୋଟି ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ଛଅ ଗୋଟି ବିଷୟରେ ଯଥା କୃଷି, ସ୍ୱାସ୍ଥ୍ୟ ଓ ପାରାମେଡିକାଲ ସାଇନ୍ସ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି, ବ୍ୟବସାୟ ଓ ବାଣିଜ୍ୟ, ଗୃହ ବିଜ୍ଞାନ ଓ ହ୍ୟୁମାନିଟିଜରେ ୧୯ଗୋଟି ଟ୍ରେଡରେ କଳା, ବାଣିଜ୍ୟ ଓ ବିଜ୍ଞାନ ଆଦିରେ ଧନ୍ଦାମୂଳକ ଶିକ୍ଷା ଦିଆଯାଉଛି ।

ଏହି ବିଷୟଗୁଡ଼ିକରେ ଉନ୍ନତ ଜ୍ଞାନ କୌଶଳ ଓ ନିଯୁକ୍ତି ସୁଯୋଗ ଉପରେ ଧାରଣା ଦିଆଯିବା ସଂଗେ ସଂଗେ ଯୁବପିଢ଼ି କିପରି ଆତ୍ମନିର୍ଭରଶୀଳ ହୋଇ ପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯିବ। ପରିଶେଷରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପ୍ରଫେସର ତିଲୋତମା ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ । ଡ. ବିଜୟା କୁମାରୀ ପାତ୍ର ଏହି କାର୍ଯ୍ୟକ୍ରମରେ ମଂଚ ପରିଚାଳନା କରିଥିବାବେଳେ ଆର.ଆଇ.ଇ ର ଆସୋସିଏଟ ପ୍ରଫେସର ଶ୍ରୀମତୀ ରଶ୍ମିରେଖା ସେଠୀ ତାଲିମ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

ଏହି ଅବସରରେ ତାଲିମଦାତା ପ୍ୟାସିଭି ଭୋପାଳର ପ୍ରଫେସର ବି.ଏସ. ମେହେରୋତ୍ରା, ପ୍ରଫେସର ଅଭିଜିତ ନାୟକ ଓ ଡ଼. ଜୟଶ୍ରୀ ମହାପାତ୍ରଙ୍କୁ ମଂଚରେ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

ନରେନ୍ଦ୍ର ପୁଷ୍କରଣୀରେ ମହାପ୍ରଭୁଙ୍କ ନୌବିହାର

ପୁରୀ, ୧୦/୦୫ (ନି.ପ୍ର): ଶ୍ରୀମନ୍ଦିରରେ ବାର ମାସରେ ତେର ଯାତ୍ରା । ସେଥିମଧ୍ୟରୁ ଚନ୍ଦନଯାତ୍ରା ଅନ୍ୟତମ । ମହାପ୍ରଭୁଙ୍କ ୨୧ ଦିନ ବାହାର ଚନ୍ଦନଯାତ୍ରା ନରେନ୍ଦ୍ର ପୁଷ୍କରଣୀରେ ଚାଲିଛି । ପରେ ୨୧ ଦିନ

ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ନୀଳଗିରି, ୧୦/୦୫ (ନି.ପ୍ର): ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କର ପ୍ରତିମୂର୍ତିକୁ ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରେୟ ବାହୁଶାହ ସିନ୍ଧେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ବ୍ଲକର ତେଲିପାଳ ଠାରେ ପଣ୍ଡିତ ରଘୁନାଥ ସ୍ମୃତି କମିଟି ପକ୍ଷରୁ ତେଲିପାଳ କଲ୍ୟାଣ ମଣ୍ଡପ ପରିସରରେ ସ୍ଥାପନ କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସିନ୍ଧେ ବୁଧବାର ଦିନ ଆନୁଷ୍ଠାନିକ ଭାବେ ପ୍ରତିମୂର୍ତିକୁ ଉନ୍ମୋଚିତ କରିଛନ୍ତି । ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧରମହାଳିକ, ତହସିଲଦାର ରଂଜନ ବେହେରା, ବିଡିଓ ରାହୁଲ ମଣ୍ଡଳ ଉପସ୍ଥିତ ଥିଲେ । ପଣ୍ଡିତ ରଘୁନାଥ ମୁର୍ମୁ ଅଲଚିକି ଭାଷାର ସାମ୍ବିଧାନିକ ସ୍ୱୀକୃତି ପାଇଁ ଜୀବନ ସାରା ସଂଗ୍ରାମ କରି ଆସୁଥିବା ବେଳେ ଶେଷରେ ଏହି ଭାଷା ସାମ୍ବିଧାନିକ ସ୍ୱୀକୃତି ପାଇଥିବା ବେଳେ ଉକ୍ତ ଭାଷାକୁ ଶିକ୍ଷାକ୍ଷେତ୍ରରେ ପ୍ରଚଳନ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଅବଦାନ ଅତୁଳନୀୟ ଅଟେ । ଆବାହକ ଗୋବିନ୍ଦ ହାଁସଦା, ଉପେନ୍ଦ୍ର ଦାସ, ଉପେନ୍ଦ୍ର ନାୟକ, ତେଲିପାଳ ସରପଂଚ ବାହାମଣୀ ମାରାଣ୍ଡି, ସେରାଲ ବାସ୍କେ, ରଘୁନାଥ ମାଝୀ, ଚନ୍ଦମଣି ମୁର୍ମୁ, ମିନତୀ ମୁର୍ମୁ, ହରେକୃଷ୍ଣ ହେମ୍ବ୍ରମ, ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଛୋଟରାମ ମାଝୀ, ସଂଜୟ ସିଂ, କୁଳମଣି ନାୟକ, ବାଲି ବାସ୍କେ, ଅଶୋକାସିନି ନାୟକ ସମେତ ଶହ ଶହ ଲୋକଙ୍କ ସମାଗମ ହୋଇଥିଲା ।

ଜନଜାଗୃତି ମଞ୍ଚ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଉଦଳା, ୧୦/୦୫ (ନି.ପ୍ର):- ଓଡ଼ିଶାର ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡ଼ି, ପାନୀୟ ଜଳ ବ୍ୟବସ୍ଥା ଆଦିର ସ୍ଥାୟୀ ଭିତ୍ତିଭୂମିକୁ ସୁନିଶ୍ଚିତ କରିବା ପାଇଁ ଜନଜାଗୃତି ମଞ୍ଚ ତରଫରୁ ଆଜି ମଇ ୧୦ ତାରିଖ ବୁଧବାର ଦିନ ଉଦଳା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ଟିମ୍ ଲିଡ଼ର ଗଦାଧର ଦାସଙ୍କ ସମେତ ସଦସ୍ୟ ରୂପାଏ ବାସ୍କେ, ରାମଚନ୍ଦ୍ର ସିଂ, ଲାଲମୋହନ ବିନ୍ଧାଣୀ, ସର୍ଣ୍ଣିତା ମଢ଼େଇ, ଜାହ୍ନବୀ ସେନାପତି, ସୁବ୍ରତ କୁମାର ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ । ଏହିପରି ମଞ୍ଚ ତରଫରୁ ଆଜି ସମାନ ଦାବିକୁ ନେଇ କପ୍ତିପଦା, ଖୁଂଟା ଓ ଗୋପବନ୍ଧୁନଗର ବ୍ଲକର ବିଡ଼ିଓଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବି ପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି । କପ୍ତିପଦାରେ ହରିପ୍ରିୟା ଦାସ, ଖୁଂଟାରେ ଆରତୀ ଖଣ୍ଡାପାତ୍ର ଓ ଗୋପବନ୍ଧୁନଗରରେ ଗୌତମ ମହାପାତ୍ର ଏହି ଦାବିପତ୍ର ପ୍ରଦାନର ନେତୃତ୍ୱ ନେଇଥିବାର ଜଣାଯାଇଛି ।

ଅନ୍ଧ ବିଶ୍ୱାସ ସମାଜ ପାଇଁ କ୍ଷତିକାରକ

ଡାହାଣୀ ପ୍ରଥା ନିରୋଧ ସଚେତନତା ନେଇ ଜିଲ୍ଲାସ୍ତରୀୟ କର୍ମଶାଳା

ଭଦ୍ରକ, ୧୦/୦୫ (ନି.ପ୍ର): ଗୁଣି, ଗାରେଡ଼ି, ଝଡ଼ା ଫୁଙ୍କା, ଡାହାଣୀ ପ୍ରଥା କଳାଯାଦୁ ନଖ ଦର୍ପଣ, ଖଟ ବୁଲା, କୁଲାବିଦ୍ୟା ଆଦି ଭଳି ଅନ୍ଧ ବିଶ୍ୱାସ ବଶବର୍ତ୍ତୀ ପ୍ରଥା ଆମ ସମାଜ ପାଇଁ କେତେ କ୍ଷତି ପହଞ୍ଚାଇ ଥାଏ ସେ ନେଇ ସଚେତନତା ଓ ନିରାକରଣ ଉଦ୍ଦେଶ୍ୟରେ ଆଜି ବୁଧବାର ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଜରିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଆମ ବିଶ୍ୱାସକୁ କେବେ ଅନ୍ଧବିଶ୍ୱାସ ଦ୍ୱାରା କବଳିତ ହେବାକୁ ଦେବାନାହିଁ ବୋଲି ପରାମର୍ଶ ଦେବା ସହିତ ଡ଼ାହାଣୀ ପ୍ରଥା, ଚେଙ୍କ୍ ଚିକିତ୍ସା, ଗୁଣି, ଗାରେଡ଼ି ଭଳି କୁପରମ୍ପରାରୁ ସମାଜକୁ ମୁକ୍ତ କରିବା ପାଇଁ ତୃଣମୂଳ ସ୍ତରରୁ ସଚେତନତାର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମର ଆୟୋଜକ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା କ୍ରାଇମ୍ ଡ଼ି.ଏସ୍.ପି. ରଶ୍ମିରଞ୍ଜନ ସେନାପତି ଡାହାଣୀ ବୋଲି ଆକ୍ଷେପ କରିବା, ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ଦେବା ଆଇନ୍‌ଗତ ଅପରାଧ ଅଟେ ଏବଂ ଏହି ଅପରାଧ ପାଇଁ ଡାହାଣୀ ହତ୍ୟା ବିରୋଧ ଆଇନ୍ ୨୦୧୩ ବଳରେ ୩ ରୁ ୫, ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ବ୍ୟବସ୍ଥା ଥିବା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଡାହାଣୀ ହତ୍ୟା ଜନିତ ଭଦ୍ରକ ଜିଲ୍ଲାରେ କୌଣସି ଘଟଣା ପୋଲିସ୍ ରିପୋର୍ଟ କରାଯାଇ ନଥିବା ସମ୍ବନ୍ଧରେ ମଧ୍ୟ ସେ ପ୍ରକାଶ କରିଥିଲେ । କର୍ମଶାଳାରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀ, ସଂପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର କର୍ମକର୍ତ୍ତା ଓ ସଦସ୍ୟ ଆଦି ମାନଙ୍କ ସଚେତନତା ଉଦ୍ଦେଶ୍ୟରେ ରିସୋର୍ସ ପର୍ସନ ଭାବେ ଏଥିରେ ଯୋଗ ଦେଇଥିବା ସମାଜ ସେବୀ, ଭଦ୍ରକ ୱାନ୍ ଷ୍ଟପ୍ ସେଂଟରର ଉପଦେଷ୍ଟା ଲଲାଟେନ୍ଦୁ ମହାନ୍ତି ଦୃଶ୍ୟ ଓ ଶ୍ରାବ୍ୟ ଫଳକ ମାଧ୍ୟମରେ ଏକ ତଥ୍ୟ ଭିତ୍ତିକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ । ଡାହାଣୀ ପ୍ରଥାର ପ୍ରଚଳନ, ଏ କୁତ୍ସିତ ପ୍ରଥାକୁ ନେଇ ଘଟିଥିବା ଅନେକ ଅଘଟଣର ଇତିହାସକୁ ନେଇ ଆମଦେଶ, ବିଦେଶ ଓ ବିଶେଷ କରି ଆମ ରାଜ୍ୟର ଆଦିବାସୀ ବହୁଳ ମୟୁରଭଞ୍ଜ, କେଉଁଝର, ସୁନ୍ଦରଗଡ଼, କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ ଆଦି ଜିଲ୍ଲାମାନଙ୍କର ତୁଳନାତ୍ମକ ସ୍ଥିତି ଓ ଚିତ୍ର ଉପସ୍ଥାପନ କରିଥିଲେ । ଏ ପ୍ରଥା ସମାଜପାଇଁ କିପରି ହାନି କାରକ, ଏହାର ନିରାକରଣ ପାଇଁ ପ୍ରଣୀତ ଆଇନ୍‌ର କାର୍ଯ୍ୟକାରୀତା ସହିତ ଶିକ୍ଷା ଓ ସଚେତନତା କେତେ ଜରୁରୀ ତାହା ମଧ୍ୟ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ବାଲ୍ୟବିବାହ ନିଷେଧ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅସିମ୍ ଅମିତାଭ ଦାସ ଏଥିରେ ଯୋଗଦେଇ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେବାସହ ଏହାର ସଫଳତା ପାଇଁ ବିଭାଗୀୟ ସମନ୍ୱୟତାର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ । ସେହିପରି ଅନ୍ୟତମ ସମାନ୍ୱିତ ଅତିଥି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଡାହାଣୀ ପ୍ରଥା ଭଳି ଖରାପ ପରମ୍ପରା ପାଇଁ ମା' ସହିତ ଶିଶୁମାନେ ବି କିପରି ପ୍ରଭାବିତ ଓ କ୍ଷତିଗ୍ରସ୍ତ ହୁଅନ୍ତି ପ୍ରକାଶ କରିଥିଲେ । ଏ ସବୁ ବ୍ୟାଧିରୁ ସମାଜକୁ ସୁରକ୍ଷିତ ରଖିବା ପାଇଁ ଶିକ୍ଷା ଏକ ଚାବିକାଠି ବୋଲି କର୍ମଶାଳାରେ ଉପସ୍ଥିତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ବୁଝାଇଥିଲା ବେଳେ ଏଥିରେ ଗଣ ମାଧ୍ୟମର ଭୂମିକା ସମ୍ବନ୍ଧରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉଲ୍ଲେଖ କରିଥିଲେ । ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ, ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା, ସମସ୍ତ ସି.ଡ଼ି.ପି.ଓ. ପ୍ରମୁଖ ମଧ୍ୟ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।

ଶ୍ରମିକଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ସମ୍ପର୍କିତ କର୍ମଶାଳା

ବାଲେଶ୍ୱର, ୧୦/୦୫ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ଇଣ୍ଡୋ-ଜର୍ମାନ ଫୋକାଲ ପଏଣ୍ଟ' (ଆଇଜିଏଫପି) ପକ୍ଷରୁ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କିତ ଏକ କର୍ମଶାଳା ସହର ଉପକଣ୍ଠ ବାମପଦା ସ୍ଥିତି ନୋସି ବିଜନେସ ପାର୍କରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଶ୍ରମ ଓ ଶ୍ରମିକ ବୀମା ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଉତ୍ତର ଓଡିଶା ଶିଳ୍ପ ମହାସଂଘ (ନୋସି), ରାଜ୍ୟ ଏମଏସଏମଇ ବିଭାଗ ଓ ଜର୍ମାନ ସାମାଜିକ ଦୁର୍ଘଟଣା ବୀମା (ଡିଜିୟୁଭି) ସଂଗଠନର ମିଳିତ ସହଯୋଗରେ ଆୟୋଜିତ ଏହି କର୍ମଶାଳାକୁ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଉଦଘାଟନ କରିବା ସହ ଶ୍ରମିକଙ୍କ ନିରାପତ୍ତା ଓ ସାମାଜିକ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରମିକଙ୍କ ସାମାଜିକ ସୁରକ୍ଷା ନେଇ ସରକାରୀ ନିୟମ କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବିଭାଗୀୟ ଉପ ସଚିବ ନିରଞ୍ଜନ ଜେନା ଓ ରାଜ୍ୟ ଶ୍ରମିକ ବୀମା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ପାର୍ଥସାରଥୀ ପଣ୍ଡା ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ଶ୍ରମ ଓ ଶ୍ରମିକ ବୀମା ବିଭାଗ ପ୍ରମୁଖ ସଚିବ ଆର ଶାନ୍ତନା ଗୋପାଳନ ଆଭାସି ଜରିଆରେ ଏହି କାର୍ଯ୍ୟକ୍ରମରେ ଯୋଡ଼ିହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ ଶ୍ରମିକ ବୀମା ବିଭାଗର ପୂର୍ବତନ ଆୟୁକ୍ତ ତଥା ଆଇଜିଏଫପିର ନିର୍ଦ୍ଦେଶକ ବି କେ ସାହୁ ଏଥିରେ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ନୋସିର ସଭାପତି ପି କେ ଡାଭେ ଏଥିରେ ସ୍ୱାଗତ ଭାଷଣ ରଖିଥିବା ବେଳେ ନୋସି ଚନ୍ଦ୍ରପ୍ରକାଶ ଭରତିଆ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ପରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଶିଳ୍ପାନୁଷ୍ଠାନ ରେଡିଓଲୋଜିକାଲ ଓ ନ୍ୟୁକ୍ଲିୟର ବିଭାଗ ଜେନେରାଲ ମ୍ୟାନେଜର ଡ. ମଳୟ କୁମାର ପ୍ରଧାନ, ଆଇଏସଏସଏସର ସେକ୍ରେଟାରୀ ଜେନେରାଲ ସିଗ୍ରିଡ ରୋଥ, ଏଲ ଏଣ୍ଡ ଟିର ପରିବେଶ, ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଡ. କ୍ରିଷ୍ଣା ନିର୍ମାଲ୍ୟ ସେନ, କଲ୍ୟାଣୀ ବିଶ୍ୱବିଦ୍ୟାଳୟର ଶରୀର ଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଫେସର ଶୁଭାଶିଷ ସାହୁ, ଟାଟା ଷ୍ଟିଲ ଫେରୋ ଆଲୋଏଜ୍ ବୈଷୟିକ ବିଭାଗ ସିନିୟର ମ୍ୟାନେଜର ଆଶିଷ ଶତପଥୀ, ମାନବ ସମ୍ବଳ ଉପଦେଷ୍ଟା ତଥା ବୈବସାୟିକ ପ୍ରତିଷ୍ଠାନ ପ୍ରଶିକ୍ଷକ ଡ. ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ମହା ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ

ବାସୁଦେବପୁର, ୧୦/୦୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଗାଁ ରାଇସ ଗୋଡାଉନ ନିକଟସ୍ଥ ଏକ ଜଙ୍ଗଲ ପରିସରରେ ବିଜୁ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ବାଣୀ କଲ୍ୟାଣ ମହାନ୍ତି ଙ୍କ ଦ୍ୱାରା ଏକ ମହା ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ସାଧାରଣ ନିର୍ବାଚନ ରେ ଯଦି ନିର୍ବାଚନ ଲଢ଼ିବା ପାଇଁ ଟିକେଟ ମିଳେ ତେବେ ମୁଁ ଲଢ଼ିବି ବୋଲି ବାଣୀ କଲ୍ୟାଣ ମହାନ୍ତି ମତ ପ୍ରକାଶ କରିଥିଲେ । ମୋର ଭୁଲ ଥାଇ ପାରେ ଠିକ ଥାଇ ପାରେ ମୁଁ ଏବେ ମଧ୍ୟ ବିଜୁ ଜନତା ଦଳ ପାଇଁ କାର୍ଯ୍ୟ କରୁଛି । ମୋର ପ୍ରିୟ ନେତା କଳିଙ୍ଗ ବୀର ବିଜୁ ପଟ୍ଟନାୟକ । ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଆଦର୍ଶ ରେ ମୁଁ ସମାଜ ସେବା କରି ଆଗେଇ ଚାଲିଛି ବୋଲି ବାଣୀ କଲ୍ୟାଣ ମହାନ୍ତି ଗଣ ମାଧ୍ୟମ ଆଗରେ ପ୍ରକାଶ କରିଥିଲେ । ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ବିକାଶ ଓ ଶାସନ ପରିବର୍ତ୍ତନ ଆମର ଲକ୍ଷ୍ୟ ବୋଲି ଶ୍ରୀ ମହାନ୍ତି କହିଥିଲେ । ଏହି ଉତ୍ସବ ରେ ବିଭିନ୍ନ ପଂଚାୟତ ରୁ ନେତା, କର୍ମୀ ଓ ପୌର ପାଳିକା ର ବିଭିନ୍ନ ୱାର୍ଡର ନେତା ଯୋଗ ଦେଇଥିଲେ ।

ଜୁନ୍ ୨ ଓ ୩ରେ ପଟିଆ କିଲ୍ଲାରେ ରାଜ୍ୟ କୃଷକ ସମ୍ମିଳନୀ

ଭୁବନେଶ୍ୱର, ୧୦/୦୫ (ନି.ପ୍ର): ପ୍ରଥମଥର ପାଇଁ ଅଖିଳ ଭାରତ କୃଷକ ସଭାର ୨୩ତମ ରାଜ୍ୟ ସମ୍ମିଳନୀ ଆସନ୍ତା ଜୁନ୍ ମାସ ୨ ଓ ୩ ତାରିଖରେ ପଟିଆ କିଲ୍ଲାର ନୂଆବନ୍ତଠାରେ ଥିବା ରାମକୃଷ୍ଣ ପତି ସ୍ମୃତିପୀଠ ପରିସରରେ ଅନୁଷ୍ଠିତ ହେବ । ଏହି ଦୁଇଦିନିଆ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନିର୍ବାଚିତ ୪୦୦ କୃଷକ ନେତାମାନେ ଯୋଗଦାନ କରିବେ । ଅତୀତରେ କୃଷକମାନେ ଏକତ୍ରିତ ହୋଇ ବନ୍ୟାଦାଉ ଓ ଚାଷ ଜମିକୁ ବାଲିଚରରୁ ରକ୍ଷା କରିବା ପାଇଁ ବାନ୍ଧିଥିଲେ ପଟିଆ ବନ୍ଧ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଏକଜିଟ୍ ପୋଲ...

ଏବିପି ନ୍ୟୁଜ ସି ଭୋଟରର ଏକଜିଟ ପୋଲ ଅନୁଯାୟୀ, କର୍ଣ୍ଣାଟକାରେ ବିଜେପି ୮୩ରୁ ୯୫, କଂଗ୍ରେସ ୧୦୦ରୁ ୧୧୨, ଜେଡିଏସ ୨୧ରୁ ୨୯ଟି ଆସନ ଓ ଅନ୍ୟାନ୍ୟ ଦଳ ୨ରୁ ୬ଟି ଆସନ ଜିତିବେ । ନ୍ୟୁଜ ନେଶନ-ସିଜିଏସ୍ କହିଛି ଯେ ବିଜେପି ୧୧୪, କଂଗ୍ରେସ ୮୬, ଜେଡିଏସ ୨୧ଟି ଓ ଅନ୍ୟାନ୍ୟ ଦଳ ୩ ଆସନ ଦଖଲ କରିବ । ଟାଇମ୍ସ ନାଓ-ଇଟିଜି ଅନୁମାନ କରିଛି ଯେ କଂଗ୍ରେସ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରିନେବ । ସଂସ୍ଥା କହିଛି ଯେ କଂଗ୍ରେସ ୧୧୩ଟି, ବିଜେପି ୮୫, ଜେଡିଏସ୍ ୨୩ଟି ଓ ଅନ୍ୟାନ୍ୟ ଦଳ ୩ ଆସନ ଜିତିବେ । ଇଣ୍ଡିଆ ଟିଭି-ସିଏନଏକ୍ସ ମଧ୍ୟ କଂଗ୍ରେସ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହାସଲ କରିବ ବୋଲି ଆକଳନ କରିଛି । ଉକ୍ତ ଗଣମାଧ୍ୟମ ଆକଳନ କରିଛି ଯେ ବିଜେପି ୮୦ରୁ ୯୦ଟି, କଂଗ୍ରେସ ୧୧୦ରୁ ୧୨୦, ଜେଡିଏସ୍ ୨୦ରୁ ୨୪ଟି ଓ ଅନ୍ୟାନ୍ୟ ଦଳ ୧ରୁ ୩ଟି ଆସନ ପାଇବେ । ରିପବ୍ଲିକ ଟିଭିର ଏକଜିଟ ପୋଲ ଅନୁଯାୟୀ, ବିଜେପି ଠାରୁ କଂଗ୍ରେସ ଅଧିକ ଆସନ ଜିତିବ । ଏହି ସଂସ୍ଥା କହିଛି ଯେ ବିଜେପି ୮୫ରୁ ୧୦୦ଟି, କଂଗ୍ରେସ ୯୪ରୁ ୧୦୮, ଜେଡିଏସ୍ ୨୪ରୁ ୩୨ଟି ଓ ଅନ୍ୟାନ୍ୟ ଦଳ ୨-୬ଟି ଆସନ ଜିତିବ ।ଜନକ କୀ ବାତ୍‌ର ଏକଜିଟ ପୋଲରେ କୁହାଯାଇଛି ଯେ ବିଜେପି ୯୪ରୁ ୧୧୭, କଂଗ୍ରେସ ୯୧ରୁ ୧୦୬, ଜେଡିଏସ୍ ୧୪ରୁ ୨୪ଟି ଓ ଅନ୍ୟାନ୍ୟ ଦଳ ୦ରୁ ୨ ଆସନ ପାଇବେ । ଟିଭି ୯ ଭାରତ ବର୍ଷ ବିଜେପିକୁ ୮୮ରୁ ୯୮, କଂଗ୍ରେସକୁ ୯୯ରୁ ୧୦୯, ଜେଡିଏସ୍‌କୁ ୨୧ରୁ ୨୬ ଓ ଅନ୍ୟାନ୍ୟ ଦଳକୁ ୦ରୁ ୪ଟି ଆସନ ଦେଇଛି । ଜି ନ୍ୟୁଜର ଏକଜିଟ ପୋଲ ଅନୁଯାୟୀ, ବିଜେପି ୭୯ରୁ ୯୪ଟି ଆସନ, କଂଗ୍ରେସ ୧୦୩ରୁ ୧୧୮, ଜେଡିଏସ୍ ୨୫ରୁ ୩୩ଟି ଆସନ ଓ ଅନ୍ୟାନ୍ୟ ଦଳ ୨ରୁ ୫ଟି ଜିତିବେ ।

ଝାରସୁଗୁଡ଼ା ଉପନିର୍ବାଚନ....

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମତଦାନ ହୋଇଛି । ମୋଟ ୨୫୩ଟି ବୁଥରେ ୧୮୧୪ଜଣ ପୁଲିସ କର୍ମୀ ଓ ୭ କମ୍ପାନୀ କେନ୍ଦ୍ରୀୟ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ୨୬ଟି ପିଙ୍କ୍ ବୁଥ୍ ପ୍ରସ୍ତୁତ କରାଯାଇଥିଲା । ୧୧୬ଟି ବୁଥକୁ ସମ୍ବେଦନଶୀଳ ଘୋଷଣା କରାଯାଇ ସେଠାରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯାଇଥିଲା । ସମସ୍ତ ବୁଥରେ ପ୍ରଥମଥର ପାଇଁ ୱେବକାଷ୍ଟିଂ ହୋଇଥିଲା । ନିର୍ବାଚନ ମଇଦାନରେ ମୋଟ ୯ଜଣ ପ୍ରାର୍ଥୀ ରହିଥିବାବେଳେ ୩ ପ୍ରମୁଖ ଦଳ ବିଜେଡିର ଦୀପାଳି ଦାସ, ବିଜେପିର ଟଙ୍କଧର ତ୍ରିପାଠୀ ଓ କଂଗ୍ରେସର ତରୁଣ ପାଣ୍ଡେଙ୍କ ମଧ୍ୟରେ ଲଢ଼େଇ ହେବାର ସମ୍ଭାବନା ରହିଛି । ଆସନ୍ତା ୧୩ତାରିଖରେ ଏହି ଭୋଟ ଗଣତି ହେବ ।

୪୨ ଡିଗ୍ରୀ....

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଝାରସୁଗୁଡାରେ ୪୨.୯ ଡିଗ୍ରୀ , ସମ୍ବଲପୁର ୪୨.୬ , ବୌଦ୍ଧ ୪୨.୪ , ତାଳଚେର ୪୨.୨ , ଅନୁଗୁଳ ୪୨. ୧ ଏବଂ ସୁନ୍ଦରଗଡ ଓ ବଲାଙ୍ଗିରରେ ୪୨ ଡିଗ୍ରୀ ତାପମାତ୍ରା ରେକଡ; ହୋଇଛି । ସେହିପରି ହୀରାକୁଦ ୪୧.୯, ରାଉରକେଲା ୪୧.୮, ବରଗଡ ୪୧, ସୋନପୁର ୪୦.୮,ବାରିପଦା ୪୦.୬, ଟିଟଲାଗଡ ୪୦.୫, ନୟାଗଡ ୪୦.୨ ଓ ମାଲକାନଗିରିରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଟ୍ୱିନ୍ ସିଟି କଟକ ଓ ଭୁବନେଶ୍ୱରରେ ଯଥାକ୍ରମେ ୩୯ ଡିଗ୍ରୀ ଓ ୩୮.୬

ଗୁରୁବାର, ମଇ ୧୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଭାଉଜ ହତ୍ୟାକାରୀ ଦିଅରକୁ ଆଜୀବନ କାରାଦଣ୍ଡ: ୫ ହଜାର ଟଙ୍କା ଜରିମାନା

ବାରିପଦା, ୧୦/୦୫ (ନି.ପ୍ର): ଭାଉଜ ହତ୍ୟା କାରୀ ଦିଅର ଙ୍କୁ ଆଜୀବନ କରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି ବାରିପଦା ଜିଲ୍ଲା ଅଦାଲତର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୧) ସୁରେଶ ଚନ୍ଦ୍ର ପ୍ରଧାନ । ଅଭିଯୁକ୍ତ ଜଣକ ମୟୁରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ପାକଟିଆ ଗ୍ରାମର ଜଗନ୍ନାଥ ନାଏକ ବୋଲି ଜଣାଯାଇଛି । ସୂଚନା ମୁତାବକ ୨୦୧୯ ମସିହା ଜାନୁଆରୀ ୧୩ ତାରିଖରେ ହତ୍ୟାକାରୀ ଜଗନ୍ନାଥକୁ ତାର ଭାଉଜଙ୍କ ଚାଷ ଜମିର ଧାନ ବିକ୍ରି ଟଙ୍କା ମାଗିଥିଲେ । ମାତ୍ର ଉତ୍ୟକ୍ତ ହୋଇ ପାଖରେ ପଡିଥିବା ଏକ କୁରାଢୀରେହାଣି ନିଜ ଭାଉଜଙ୍କୁ ହତ୍ୟା କରିଥିଲା ଜଗନ୍ନାଥ । ଝାରପୋଖରିଆ ଥାନାରେ ମୃତ ଭାଉଜଙ୍କ ମାଙ୍କ ଏତଲା ମୂଳେ ହୋଇଥିବା ମାମଲାର ବିଚାର କରି ୧୮ଜଣ ସାକ୍ଷୀ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଅସମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ । ଏହାସହିତ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି । ମାମଲା କୁ ସରକାରୀ ଓକିଲ କୃଷ୍ଣଚନ୍ଦ୍ର ଦାଶ ପରିଚାଳନା କରୁଥିଲେ ।

ଭୂତଳ ଜଳ ସଂରକ୍ଷଣ ଲାଗି ୩ ଦିନିଆ ପ୍ରଶିକ୍ଷଣରେ ଜଳେଶ୍ୱର ନଗରପାଳ

ଜଳେଶ୍ୱର , ୧୦/୦୫ (ନି.ପ୍ର): ଭୂତଳ ଜଳ ହ୍ରାସ, ଜୈବବିବିଧତା ନଷ୍ଟ, ଜଳବାୟୁ ପରିବର୍ତ୍ତନ ତଥା ବନ୍ୟା ଓ ମରୁଡିର ପ୍ରକୋପ ବଢୁଥିବାରୁ ସମଗ୍ର ଦେଶରେ ଦୈବିଦୁର୍ବିପାକ ବଢି ଚାଲିଛି । ଜଳବାୟୁ ପରିବର୍ତ୍ତନରୁ ରକ୍ଷା, ବର୍ଷାପାଣି ଧାରଣର ସୁରକ୍ଷା ତଥା ଜଳକୁ ରିଚାର୍ଜ କରି ଜଳସେଚନ ଓ ପଶୁସମ୍ପଦ ସୁରକ୍ଷାରେ ବିନିଯୋଗ ଲାଗି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ, ଗୃହ ନିର୍ମାଣ ବିଭାଗ ପକ୍ଷରୁ ବାଙ୍ଗାଲୋର ଠାରେ ଜଳ ସଂରକ୍ଷଣ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏଥିଲାଗି ଜଳାଶୟ ଗୁଡିକର ସଂରକ୍ଷଣ ଅଧିକ ଉପଯୋଗୀ । ଜଳଶୟ ଗୁଡିକର ସ୍ଥିତି ବଜାଇ ରଖିବା ଏବଂ ଅତ୍ୟାଧୁନୀକ ପଦ୍ଧତିରେ ଭୂପୃଷ୍ଠରେ ଜଳ ସଂରକ୍ଷଣ ଲାଗି ଏପରି ଏକ ଶିବିର ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଛି । ଆଗାମୀ ଦିନରେ ବିଶୁଦ୍ଧ ପିଇବାପାଣି ପାଇବ କଷ୍ଟସାଧ୍ୟ ହେବାକୁ ଥିବାରୁ ରାଜ୍ୟର ପୌରପରିଷଦର ନଗରପାଳ ଓ ଉପନଗରପାଳମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଜଳେଶ୍ୱରର ପୌରପାଳ ପ୍ରତୀପ କୁମାର ପ୍ରଧାନ ଓ ଉପନଗରପାଳ ପୁଷ୍ପପ୍ରିୟା କାମିଳା ଯୋଗଦେଇଛନ୍ତି । ଲେକମେନ ଅଫ ଇଣ୍ଡିଆ ଆନନ୍ଦ କୁମାର ଓ ତାଙ୍କ ଟିମ୍ ଏହି ପ୍ରଶିକ୍ଷଣ ଦେଉଥିବା ଜଣାଯାଇଛି ।

ଅଙ୍ଗନୱାଡି କେନ୍ଦ୍ର ଥିବା ୩୮ଟି ପ୍ରାଥମିକ ବିଦ୍ୟାଳୟକୁ ସ୍ମାର୍ଟ ଟିଭି ଯୋଗାଣ

ଜଳେଶ୍ୱର ୧୦/୫ (ନି.ପ୍ର): ରାଜ୍ୟରେ ସମସ୍ତ ମାଧ୍ୟମିକ ବିଦ୍ୟାଳୟକୁ ୫ଟି କାର୍ଯ୍ୟକ୍ରମ ଅନୁଯାୟୀ ଅନୁଦାନ ପ୍ରଦାନ କରି ରୂପାନ୍ତରିକରଣ କରାଯାଇ ଆସୁଥିବା ବେଳେ ଏଣିକି ପ୍ରାଥମିକ ବିଦ୍ୟାୟରେ ଆଧୁନିକ ଶିକ୍ଷାପ୍ରଣାଳି ଲାଗି ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ସ୍ମାର୍ଟ ଟିଭି ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରରେ ଆଜି ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଳେଶ୍ୱର ଗୋଷ୍ଠିଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଅଂଗନୱାଡି ଥିବା ୩୮ଟି ପ୍ରାଥମିକ ବିଦ୍ୟାଳୟକୁ ସ୍ମାର୍ଟ ଟିଭି ପ୍ରଦାନ କରାଯାଇଛି । ଜଳେଶ୍ୱର ହାଇସ୍କୁଲ ପରିସରରେ ଆୟୋଜିତ

ଏହି କାର୍ଯ୍ୟକ୍ରମକୁ ଭାଷା, ସାହିତ୍ୟ, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ୩୮ଜଣ ପ୍ରଧାନ ଶିକ୍ଷକଙ୍କୁ ଏହା ପ୍ରଦାନ କରିଛନ୍ତି । ଜୀବନ ଶୈଳିରେ ବିଜ୍ଞାନକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ଶିକ୍ଷା କ୍ଷେତ୍ରରେ ସେପରି ବ୍ୟବସ୍ଥା ଲାଗି ବିଦ୍ୟାଳୟ ଗୁଡିକୁ ଓସେପା ପକ୍ଷରୁ ସ୍ମାଟଟିଭି ପ୍ରଦାନ ଲାଗି ସରକାର ନିଷ୍ପତ୍ତି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ସୁଶାନ୍ତ ଜେନା ସଂଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି, ଦିଲ୍ଲିପ ସାମଲ ମଂଚରେ ଉପସ୍ଥିତ ଥିଲେ ।

ଆକ୍ସନ ମୋଡ଼ରେ ନୀଳଗିରି ରେଞ୍ଜର

ଚୋରା କାଠ ମାଫିଆଙ୍କୁ ସାବାଡ଼: ଦୁଇ ଦିନରେ ୨ଟି କାଠଗାଡ଼ି ଜବତ

ନୀଳଗିରି, ୧୦/୦୫ (ନି.ପ୍ର): ନୀଳଗିରି ବନ ବିଭାଗର ରେଞ୍ଜର ଆୟିଶା ଅକତାରୀ ନିଶା ଏବେ ଚୋରା କାଠ ମାଫିଆଙ୍କୁ ଜବତ୍ କରିବା ପାଇଁ ଆକ୍ସନ ମୋଡରେ ଅଛନ୍ତି । ନା ଭୟ ଅଛି ମାଫିଆଙ୍କ ପ୍ରତି ନା ଭୟ ଅଛି ନିଜ ଜୀବନ ପ୍ରତି । ସମସ୍ତଙ୍କୁ ପଛରେ ପକାଇ ଶେଷରେ କାଠ ମାଫିଆଙ୍କୁ ସାବାଡ଼ କରିଛନ୍ତି । ଲଗାତର ଭାବେ ୨ଦିନରେ ୨ଗୋଟି ମୂଲ୍ୟବାନ କାଠ ବୋଝେଇ ପିକଅପ୍‌କୁ ଜବତ କରିଥିବା ବେଳେ ଚୋରା କାଠ ମାଫିଆ ଜବତ ଗାଡ଼ିକୁ ଛଡ଼ାଇ ନେବା ପାଇଁ ରାସ୍ତାରେ ଗଛ କାଟି ପକାଇ ଦେଇଥିଲେ । ଏଥିପ୍ରତି ରେଞ୍ଜର ଭ୍ରୁକ୍ଷେପ ନ କରି ଅଗ୍ନିଶମ ବିଭାଗକୁ କଲ କରି ରାସ୍ତାରୁ ଗଛକୁ କାଟି ହଟାଇଲା ପରେ ସଜନାଗଡ଼ ନର୍ସରିରେ ରଖିଥିଲେ । ବୁଧବାର ଦିନ ସୋମନାଥପୁର ଅଂଚଳରୁ ଏକ ଚୋରା କାଠ ବୋଝେଇ ପିକଅପ୍ କୁ ଜବତ କରିଛନ୍ତି । ଏହି ଜବତ କାଠର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କା ହେବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ । ବିଶେଷ ସୂତ୍ରରୁ ଖବର ପାଇଁ ନୀଳଗିରି ରେଞ୍ଜର ଆୟିଶା, ଏ ନିଶା ଓ ମିତ୍ରପୁର ବିଟ୍ ହାଉସର କର୍ମଚାରୀଙ୍କୁ ନେଇ ସୋମନାଥପୁର ଅଂଚଳରେ ଚୋରା କାଠ ଗାଡ଼ି ପିକଅପ୍‌କୁ ଜବତ କରିଥିଲେ । ଲଗାତର ୨ଦିନରେ ୨ଗୋଟି ଚୋରା କାଠ ଗାଡ଼ିକୁ ଜବତ କରିବା ଦ୍ୱାରା କାଠ ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ଦେଖିବାକୁ ମିଳିଛି । ରେଞ୍ଜରଙ୍କ ଏଭଳି ଏକ୍ସନ ମୋଡ଼କୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି ।

ପାରିବାରିକ ସମସ୍ୟାର ସଫଳ ସମାଧାନ

ଭଦ୍ରକ, ୧୦/୦୫ (ନି.ପ୍ର): ରିଖ ଜିଲ୍ଲା ଆଇନ ସେବା ପ୍ରାଧୀକରଣ, ଭଦ୍ରକ ସମ୍ମୁଖ କାର୍ଯ୍ୟାଳୟରେ ଗୋଟିଏ ପାରିବାରିକ ସମସ୍ୟାର ସଫଳ ସମାଧାନ ହୋଇପାରିଛି । ଦରଖାସ୍ତକାରିଣୀ ସୂଜାତା ଯେନା ତାଙ୍କର ଶାରିରୀକ, ମାନସିକ ଓ ଯୌତୁକ ଜନିତ କଳହ ତଥା ପାରିବାରିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସମ୍ମୁଖ କାର୍ଯ୍ୟାଳୟରେ ଅଭିଯୋଗ ଦେବାପରେ, ସମ୍ମୁଖ କାର୍ଯ୍ୟାଳୟର ରିଟେନର ଶ୍ରୀ କାହ୍ନୁଚରଣ ବାରିକ ଉଭୟ ପକ୍ଷଙ୍କୁ ଡକାଇ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲଙ୍କ ଉପସ୍ଥିତିରେ ସମାଧାନ କରାଇଥିଲେ । ଉଭୟ ପକ୍ଷ ପ୍ରଥମେ ଆପୋଷ ସମାଧାନ ଆଡ଼କୁ ନ ଯାଇ ପରସ୍ପର ଠାରୁ ଅଲଗା ହୋଇ ରହିବା ପାଇଁ ମନବଳାଉ ଥିଲେ । ସେମାନଙ୍କର ଗୋଟିଏ ଛୋଟ ୬ ବର୍ଷର ପୁଅ କଥା ନ ଭାବି ଦୁହେଁ ଦୁହିଁଙ୍କୁ ଛାଡ଼ପତ୍ର ଦେବା ପର୍ଯ୍ୟନ୍ତ କୋର୍ଟରେ କେଶ ମଧ୍ୟ କରି ସାରିଥିଲେ । ମାତ୍ର ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଅନ୍ୟାନ୍ୟ ମେଡ଼ିଏଟର (ମଧ୍ୟସ୍ଥତା କେନ୍ଦ୍ର) ସମସ୍ତେ ମିଶି ଦୁଇ ପକ୍ଷଙ୍କୁ ବହୁତ ବୁଝା ସୁଝା ପରେ ସେମାନେ ଆଗକୁ ଶାନ୍ତିପୂର୍ଣ୍ଣ ଭାବେ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଜିଲ୍ଲା ରକ୍ତଦାତା ସଂଘ କାର୍ଯ୍ୟକାରୀ କମିଟି ବୈଠକ

ବାଲେଶ୍ୱର , ୧୦/୦୫ (ନି.ପ୍ର): ଜିଲ୍ଲା ରକ୍ତଦାତା ସଂଘ, ବାଲେଶ୍ୱରର କାର୍ଯ୍ୟକାରୀ କମିଟି ବୈଠକ ଆଜି ଅପରାହ୍ନରେ ସ୍ଥାନୀୟ ଓଡେଶା ଭବନରେ ସଭାପତି କମଲ ଚକ୍ରବର୍ତ୍ତୀଂକ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଚଳିତ ମାସ ୨୧ ତାରିଖରେ ଓଡେଶା ଭବନରେ ସଂଘର ଦ୍ୱିବାର୍ଷିକ ସାଂଗଠନିକ ନିର୍ବାଚନ, ଆସନ୍ତା ଜୁନ ୧୪ରେ ବିଶ୍ୱ ରକ୍ତଦାତା ଦିବସ ଅବସରରେ ସଂଘର ବାର୍ଷିକ ସମ୍ମିଳନୀ, ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ।ବୈଠକରେ ରକ୍ତ ସଂଗ୍ରହ ବୃଦ୍ଧି, ଅଧିକ ରକ୍ତଦାନ ଶିବିର ଆୟୋଜନ, ରକ୍ତଦାନ ଶିବିର ଆୟୋଜକ ମାନଂକର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା ।ଏଥିରେ ସଂଘର ସାଧାରଣ ସଂପାଦକ ଇଂ ଡ. ହୃଷିକେଶ ସାହୁ, ବରିଷ୍ଠ ଉପଦେଷ୍ଟା ରବି ରାଉତ, ଉପ ସଭାପତି ଲକ୍ଷ୍ମୀଧର ବାରିକ,ସଂପାଦକ ରାଜେଶ ଗିରି, ମନୋରଂଜନ ଦାସ,କୋଷାଧ୍ୟକ୍ଷ ଅକ୍ଷୟ କୁମାର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତି ପକ୍ଷରୁ ସମ୍ବର୍ଦ୍ଧନା ସଭା

ବାଲେଶ୍ୱର, ୧୦/୦୫ (ନି.ପ୍ର): ବାଲେଶ୍ୱର ଶ୍ରମଦପ୍ତରରେ ଦୀର୍ଘ ୨୩ବର୍ଷ କାର୍ଯ୍ୟକରି ଗତ ପହିଲାରେ ଚାକିରିରୁ ଅବସର ନେଇଥିବା ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଲାଲମୋହନ ମାରାଣ୍ଡିଙ୍କୁ ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତି ପକ୍ଷରୁ ବୁଧବାର ଅପରାହ୍ନରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିପାଇଁ ପଡୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଏକ ନିରାଡମ୍ବର ଉତ୍ସବରେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧକ୍ଷତା କରିଥିଲେ । ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ମାରାଣ୍ଡିଙ୍କ ବାଲେଶ୍ୱରରେ ଦୀର୍ଘ ୨୩ବର୍ଷ କାର୍ଯ୍ୟକାଳରେ ତାଙ୍କର ସାଧୁତା ଓ କର୍ତ୍ତବ୍ୟନିଷ୍ଠାକୁ ବହୁ ଶ୍ରମିକନେତା ଉଚ୍ଚ ପ୍ରଶଂସା କରିଥିଲେ । ଶ୍ରମଦପ୍ତରରେ ପ୍ରାୟ ୩୦ଟି ସ୍ଥାୟୀ ମଂଜୁରୀପ୍ରାପ୍ତ ପଦବୀରେ ଏବେ ମାତ୍ର ୫ଜଣ ଅଧିକାରୀ ଓ କର୍ମଚାରୀ କାମ କରୁଛନ୍ତି । ଶ୍ରୀ ମାରାଣ୍ଡିଙ୍କ ଅବସର ପରେ ଜିଲ୍ଲା ଶ୍ରମଦପ୍ତରରେ ୪ର୍ଥ ଶ୍ରେଣୀ କର୍ମଚାରୀ ଶୂନ ହୋଇଯାଇଛି । ସମନ୍ୱୟ ସମିତିର ଆବାହକ ବିଜୟ ପାତ୍ରଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଶ୍ରମିକ ସଂଗଠନ ପକ୍ଷରୁ ସଞ୍ଜୟ କୁମାର ସାମଲ, ବିକାଶ ଦାସ, ପିତାମ୍ବର ମାଝୀ, ରଂଯୁକ୍ତା ଓଝା, ହରିଶ୍ଚନ୍ଦ୍ର ପାତ୍ର, ପ୍ରଶାନ୍ତ ପରିଡ଼ା, ଯୋଗେନ୍ଦ୍ର ପଣ୍ଡା, କେଶବ ଲେଙ୍କା, ବିନୟ ପରମାଣିକ, ପ୍ରଭାକର ସାହୁ, ବେଣୁଧର ମହାନ୍ତି ଓ ବିଭୂତି ଦାସଙ୍କ ସମେତ ସହକାରୀ ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ ଏବଂ ରାଜେନ୍ଦ୍ର ସାହୁ, ତନ୍ମୟ କୁମାର ବିଶ୍ୱାଳ ପ୍ରମୁଖ ଚାକିରିରୁ ଅବସର ଗ୍ରହଣ କରିଥିବା ଶ୍ରୀ ମାରାଣ୍ଡିଙ୍କ ଅବସର ଜୀବନ ସୁସ୍ଥ, ନିରାମୟ ଓ ସୁଖପ୍ରଦ ହେଉ ବୋଲି କାମନା କରିଥିଲେ । ସମିତି ପକ୍ଷରୁ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଶ୍ରୀ ମାରାଣ୍ଡିଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ବାଲେଶ୍ୱରର ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କୁ ରାଜ୍ୟ ସରକାର 'ବିଜୁ ଶ୍ରମିକ ବନ୍ଧୁ ସମ୍ମାନ' ପ୍ରଦାନ କରିଥିବାରୁ ତାଙ୍କୁ ସମିତି ପକ୍ଷରୁ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ବିରଞ୍ଚି କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ରତ୍ନାକର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଶଶିକାନ୍ତ ବେହେରା ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।

ପୂର୍ତ୍ତ ବିଭାଗ ହାତକୁ ଯିବ ବାଲିଆପାଳର ଦୁଇଟି ପ୍ରମୁଖ ଗ୍ରାମୋନ୍ନୟନ ରାସ୍ତା

ଲଙ୍ଗଳେଶ୍ୱର , ୧୦/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବାଲିଆପାଳ ବ୍ଲକ ର ଦୁଇଟି ପ୍ରମୁଖ ରାସ୍ତା ଜାମକୁଣ୍ଡା ଛକ ଠାରୁ ପଞ୍ଚୁପାଲି ଭାୟା କାଳିପଦା ୨୨ କିମି ଓ ଲଙ୍ଗଳେଶ୍ୱର ଠାରୁ କଷାଫଳ,ଭାୟା ସଲଟ ଫେକ୍ଟରୀ ୧୮ କିମି,ପୂର୍ତ୍ତ ବିଭାଗ ହାତକୁ ଯିବାର ସିଦ୍ଧାନ୍ତ ହୋଇଯାଇଛି ।ଏହା ଗମୋନ୍ନୟନ ବିଭାଗରେ ଥିଲା ।ରାସ୍ତାର ଓସାର ଓ ମାନ ବଢ଼ାଇବା ସହିତ ଉନ୍ନତ ମାନର ତିଆରି କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ଏଥିରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଙ୍କ ଉଦ୍ୟମ ଯୋଗୁଁ ସାଧରଣରେ ତାଙ୍କୁ ସାଧୁବାଦ ଜଣାଯାଇଛି । ଏ ରାସ୍ତା ଏ ଅଞ୍ଚଳ ର ଗୁରୁତ୍ୱପୂର୍ଣ୍ଣ ଓ ଜନଗହଳି ରାସ୍ତା ହୋଇଥିବା ଯୋଗୁଁ ପ୍ରଶସ୍ତ ହେଲେ ସ୍ଥାନୀୟ ଅଞ୍ଚଳରେ ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଏଇ ରାସ୍ତା ରେ ପ୍ରତିଦିନ ଶହ ଶହ ମାଲ ଓ ଯାତ୍ରୀବାହୀ ଗାଡି ସହିତ ବିଭିନ୍ନ ଯାନବାହନ ଯାତାୟାତ କରୁଥିବାରୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ନଜିର ଅଛି । କିନ୍ତୁ ରାସ୍ତା ପ୍ରଶସ୍ତ ହେଲେ ଦୁର୍ଘଟଣା କମିଯିବ ବୋଲି ଲୋକେ ମତବ୍ୟକ୍ତ କରିଛନ୍ତି ।

ଦୁଇ ବାଇକ ମୁହାଁ ମୁହିଁ ଧକ୍କା: ଜଣେ ମୃତ, ୨ ଗୁରୁତର

ବାରିପଦା , ୧୦/୦୫ (ନି.ପ୍ର): ଆଜି ମୟୁରଭଂଜ ଚିତ୍ରଡ଼ା ନିକଟ ରଜାବନ୍ଧ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ବାଇକ ମୁହାଁ ମୁହିଁ ଧକ୍କା ହୋଇ ଘଟଣା ସ୍ଥଳରେ ୩ ଜଣ ରକ୍ତ ଜୁଡୁବୁଡୁ କ୍ଷତ ବିକ୍ଷତ ଶରୀରରେ ପଡ଼ି ରହିବା ସହ ଦୁଇଟି ବାଇକ ଭାଙ୍ଗି ଚୁରମାର ହୋଇଯାଇଥିଲା । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳରେ ପହଞ୍ଚି ୧୦୮ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ଆସି ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର କରି ନିକଟସ୍ଥ କିସାନ ତାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ୩ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କୁଳିଅଣା ଥାନା ଅନ୍ତର୍ଗତ କୁଚେଇ ଅଞ୍ଚଳର ଦେବାଶିଷ ଭାତୁଡ଼ି ବୋଲି ଜଣାପଡ଼ିଛି । ଅନ୍ୟ ଦୁଇ ଜଣ ଦମ୍ପତି ମୋରଡ଼ା ଥାନା ଅନ୍ତର୍ଗତ କୋହି ଗ୍ରାମ ପଞ୍ଚାୟତ ଅଧୀନ ସୋନପୁରିଆ ଗ୍ରାମର ୫୦ ବର୍ଷୀୟ ରାମଚନ୍ଦ୍ର ହେମ୍ବ୍ରମ ଓ ତାଙ୍କ ପତ୍ନୀ ସୀତାମଣି ହେମ୍ବ୍ରମ । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଗୋଟିଏ ଡମ୍ପରକୁ ଅତିକ୍ରମ କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ତେବେ ରାମଚନ୍ଦ୍ର ହେମ୍ବ୍ରମଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ତାଙ୍କ ସ୍ତ୍ରୀ ସୀତାମଣି ଓ ଦେବାଶିଷଙ୍କୁ

ଅତି ଗୁରୁତର ଅବସ୍ଥାରେ ବାରିପଦା ପି.ଆର.ଏମ. ଡାକ୍ତରଖାନାକୁ ଅଧିକ ସିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ଓଡି ୧୧ୟୁ୮୬୧୪ ଓ ଏମ ଏଚ ୧୨ ଜିଡି ୫୭୨୧ ବିଶିଷ୍ଟ ଦୁଇଟି ବାଇକକୁ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି ।

ଗୁରୁକୁଳ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ବୀର ସାବରକରଙ୍କ ଦେଶଭକ୍ତିକୁ କେବେ ଭୁଲି ହେବ ନାହିଁ : ପ୍ରମିଳା ପଣ୍ଡା

ଉଦଳା, ୧୦/୦୫ (ନି.ପ୍ର): ଉଦଳା ସହର ମଧ୍ୟରେ ଗଢ଼ି ଉଠିଥିବା ଗୁରୁକୁଳ ବିଦ୍ୟାମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଚଳିତ ମଇ ୫ ତାରିଖ ଠାରୁ ୭ ତାରିଖ ପର୍ଯ୍ୟ' ୩ ଦିନ ଧରି ପାଳିତ ହୋଇଯାଇଛି । ଏଥିପାଇଁ ଦୀର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ୫ ତାରିଖ ଶୁକ୍ରବାର ଦିନ କାଳିଚରଣ ନାୟକଙ୍କ ଅଧକ୍ଷତାରେ ଏକକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସ ୬ ତାରିଖ ଶନିବାର ଦିନ ଶିକ୍ଷାକେନ୍ଦ୍ରର ଉନ୍ନତି ପାଇଁ ଅବିଭାବକ, ପରିଚାଳନା କମିଟି ଓ ଗୁରୁଜୀ ଗୁରୁମା ମାନଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୁରୁକୁଳ ବିଦ୍ୟାମନ୍ଦିର କିପରି ଅନ୍ୟ ସମସ୍ତ ଶିକ୍ଷାକେନ୍ଦ୍ର ଠାରୁ ସ୍ୱତନ୍ତ୍ର ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ୭ ତାରିଖ ରବିବାର ଦିନ ସନ୍ଧ୍ୟାରେ ଶି